# ଚତୁର୍ଦ୍ଦଶ ଖଣ୍ଡାଧାର ମହୋତ୍ସବ ଉଦ୍‌ଘାଟିତ




**ବଣାଇଁ,୨୯ ।୧(ସମିସ):** ବଣାଇଁଗଡ଼ ସହର ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆରେ ଚତୁର୍ଦ୍ଦଶ ଖଣ୍ଡାଧାର ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ମହୋତ୍ସବ କମିଟି ସଭାପତି ପ୍ରଦୀପ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବଣାଇଁ ରାଜାସାହେବ ବୀର କେଶରୀ ଇନ୍ଦ୍ରଦେଓ ଦେବ ଏବଂ ସମ୍ମାନିତ ଅତିଥି ଭାବେ ବଣାଇଁ ଏସ୍‌ଡିପିଓ ସ୍ୱରାଜ ଦେବତା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଖଣ୍ଡାଧାର ମହୋତ୍ସବ ବଣାଇଁର ଏକତା ଓ ପ୍ରଗତିର ପ୍ରତୀକ ବୋଲି ରାଜାସାହେବ ପ୍ରକାଶ କରିଥିଲେ।

ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ କ୍ରିଏସନ ଦର୍ଶକଙ୍କ ମନ ମୋହିଥିବାବେଳେ କଳାହାଣ୍ଡିର ପାଇକ ଆଖଡ଼ାକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ବଣାଇଁର କୁନି କଳାକାର ଓଡ଼ିଶୀ ନୃତ୍ୟ ମାଧ୍ୟମରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରତ୍ୟେକ ଦିବସ ଓ ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକକଳା, ନୃତ୍ୟଦଳ ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲ୍ଲାର ସୁନାମଧନ୍ୟ ନୃତ୍ୟଶିଳ୍ପୀ ଓ ବଲିଉଡ୍‌ର ନାମିଦାମୀ କଳାକାର ସେମାନଙ୍କ କଳାଭିନୟ ପ୍ରଦର୍ଶନ କରିବେ। ସ୍ଥାନୀୟ କଳାକାରଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ଭବ୍ୟ ମହୋତ୍ସବ ଆୟୋଜନ କରାଯାଇଆସୁଛି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ବାଣିଜ୍ୟ ମେଳାରେ ମୀନାବଜାର, ଶିଶୁମାନଙ୍କ ପାଇଁ ଭିନ୍ନ ଭିନ୍ନ କିସମର ଦୋଳି, ଶିଳ୍ପୀ, କାରିଗରମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ସମସ୍ତଙ୍କୁ ଆକୃଷ୍ଟ କରୁଛି। ସାଂସ୍କୃତିକ କମିଟି ସଦସ୍ୟ ରଞ୍ଜିତ ଚୌଧୁରୀ, ସତ୍ୟନାରାୟଣ ମିଶ୍ର, ରାଜେନ୍ଦ୍ର ପ୍ରଧାନ, ହବିବ୍ ଖାନ୍, ଚିନ୍ମୟ ତ୍ରିପାଠୀ, ଲୋକନାଥ ସାମଲ, ସୂରଜ ପ୍ରତାପ ମାହାନ୍ତି, ହେମନ୍ତ ପାତ୍ର, ପ୍ରଭାତ କୁମାର, ହବିବ୍ ମହମ୍ମଦ, ଭବତୋଷ ଦେଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁମାର ଗୌତମ ବାରିକ ମଞ୍ଚ ପରିଚାଳନା କରିଥିଲେ। ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ରୂପାନ୍ତରିତ ବିଦ୍ୟାଳୟ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ରାଉରକେଲା,୨୯ ।୧(ସମିସ):**

ସୋମବାର ସନ୍ଧ୍ୟାରେ ରାଜ୍ୟର ଅନ୍ୟ ଜିଲ୍ଲା ସମେତ ସୁନ୍ଦରଗଡ଼ ଜିଲ୍ଲାର ୫-ଟି ଅନ୍ତର୍ଗତ ୮୨ଟି ରୂପାନ୍ତରିତ ବିଦ୍ୟାଳୟକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି। ପୂର୍ବରୁ ୩ ପର୍ଯ୍ୟାୟରେ ଜିଲ୍ଲାରେ ୨୯୬ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ୫-ଟି ଅଧୀନରେ ରୂପାନ୍ତରିତ ହୋଇଥିବା ରାଉରକେଲାର ଗାନ୍ଧୀ ବାଳକ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ର ବଜରଙ୍ଗବାଲି ପାଣ୍ଡେ, ଏସଏମସି ସଭାପତି ସୁଖରାମ ଭୂମିଜ୍ ଉପସ୍ଥିତ ଥିଲେ।



ବରିଷ୍ଠ ଶିକ୍ଷକ ନୀଳମାଧବ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁପ୍ରିୟା ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଆଭାସୀ ଉଦଘାଟନୀ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ଏହି ଅବସରରେ ବିଦ୍ୟାଳୟ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଆଇସିଟି କମ୍ପ୍ୟୁଟର କ୍ଲାସ, ବିଜ୍ଞାନାଗାର, ପାନୀୟ ଜଳ ପ୍ରକଳ୍ପ ଆଦି ଅତିଥିମାନେ ବୁଲି ଦେଖିବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ। ସ୍କୁଲକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯିବା ସହ ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗୋଲି ବେଶ୍ ଆକର୍ଷଣୀୟ ଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ କୋମାଦିନି ମାହାନ୍ତ, କବିତା ପଣ୍ଡା, ଅହଲ୍ୟା ବାରିକ, ସବ୍ୟସାଚୀ ଖିଲାର, ଅରଫିଲ ଛୁରିଆ, ପଦ୍ମଲୋଚନ ଗୁଇଁ, ରମାକାନ୍ତ ସାହୁ, ବଂଶୀଧର ପ୍ରଧାନ, ଶଙ୍କରଲାଲ ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସର୍ବେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିବାସୀ କିସାନଙ୍କ ବଲନ୍ଦା ବଲନ୍ଦି କାର୍ଯ୍ୟକ୍ରମ



**ବଣାଇଁ,୨୯ ।୧(ସମିସ):** ପୌଷ ପୂର୍ଣ୍ଣିମା ଅବସରରେ ବଣାଇଁ କିସାନ ସମାଜ ସମ୍ପ୍ରଦାୟ ପକ୍ଷରୁ ଗୋବିନ୍ଦପୁର ଗ୍ରାମ ପଡ଼ିଆରେ ଆଦିବାସୀ କିସାନଙ୍କ ବଲନ୍ଦା ବଲନ୍ଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କିସାନ ସମାଜର ବଲନ୍ଦା ବଲନ୍ଦି ହେଉଛନ୍ତି ଶିବପାର୍ବତୀ ଦେବତା। ଏହି ଅବସରରେ ପ୍ରଥମେ ପୂଜାର୍ଚ୍ଚନା କରି ତାଙ୍କ ପରମ୍ପରା ଅନୁଯାୟୀ ଆଦିବାସୀ କିସାନ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବଣାଇଁ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୨୦ରୁ ଅଧିକ ଦଳ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥଲେ। ପ୍ରଥମେ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବଣାଇଁ କିସାନ ସମାଜର ସମାଜସେବୀ ଅବସରପ୍ରାପ୍ତ ସେନା କର୍ମଚାରୀ ରତ୍ନାକର କିସାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳରେ କିସାନ ସମାଜକୁ କିପରି ଆଗକୁ ନିଆଯାଇପାରିବ ସେ ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

ମୁଖ୍ୟବକ୍ତା କିସାନ ସମାଜର ଅଗ୍ରଣୀ କଳାକାର ଭୁବନାନନ୍ଦ କିସାନ ନିଜ ବକ୍ତବ୍ୟରେ କହିଲେ, ଆମ ସମାଜ ଶିକ୍ଷା କ୍ଷେତ୍ରରେ ବହୁ ପଛରେ ଅଛି। କେହି କେହି ଆର୍ଥିକ ପରିସ୍ଥିତି ଯୋଗୁଁ ଅଧାରୁ ଶିକ୍ଷା ଗ୍ରହଣ ବନ୍ଦ କରିଦେଉଛନ୍ତି। ଆଦିବାସୀମାନଙ୍କ ପାଇଁ ସରକାର ଶିକ୍ଷାଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ହାତକୁ ନେଇଥିବା ବେଳେ ଏହାର ସୁଯୋଗ ନେଇ ସମସ୍ତେ କିପରି ସହଜରେ ଏହାର ଲାଭ ଉଠାଇପାରିବେ ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦପୁର ସରପଞ୍ଚଙ୍କ ସମେତ ଗ୍ରାମର ଶଶିଭୂଷଣ କୁଅଁର, କମଳଲୋଚନ ପ୍ରଧାନ, ବନମାଳୀ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ମଦନମୋହନ ସାହୁ ସଭାପତିତ୍ୱ କରିଥିବା ବେଳେ ସୁଧାକର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗ୍ରାମର ଜଗବନ୍ଧୁ କିସାନ, କାହ୍ନୁଚରଣ କିସାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

● ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଏସସି-ଏସଟି ମାମଲାରେ ଆଗୁଆ ଜାମିନ ପ୍ରଦାନ ପାଇଁ ପୂର୍ଣ୍ଣ ପ୍ରତିବନ୍ଧକ ନାହିଁ

**କଟକ,୨୯ ।୧(ସମିସ):** ଅନୁସୂଚିତ ଜାତି ଓ ଜନଜାତି (ଏସସି-ଏସଟି) ଅଧିନିୟମ ଅନ୍ତର୍ଗତ ମାମଲାରେ ଆଗୁଆ ଜାମିନ ପ୍ରଦାନ କ୍ଷେତ୍ରରେ ପୂର୍ଣ୍ଣ ପ୍ରତିବନ୍ଧକ ନାହିଁ। ବିଶେଷକରି ଏହି ଆଇନ ଅନୁସାରେ ରୁଜୁ ମାମଲା କ୍ଷେତ୍ରରେ ଯଦି ପ୍ରାଥମିକ ପ୍ରମାଣ ମିଳି ନ ଥିବ ତେବେ ଆଗୁଆ ଜାମିନ ପ୍ରଦାନ ପାଇଁ ପ୍ରତିବନ୍ଧକ ରହି ନ ଥାଏ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆବେଦନକାରୀଙ୍କ ନାମ ଏତଲାରେ ନ ଥିବା ଓ ତଦନ୍ତକାରୀ ଅଧିକାରୀ ଦେଇଥିବା ରିପୋର୍ଟରେ ମଧ୍ୟ ତାଙ୍କୁ ଅଭିଯୁକ୍ତ ଦର୍ଶାଯାଇ ନ ଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହି ମାମଲାରେ ଆବେଦନକାରୀଙ୍କୁ ଯଦି କୌଣସି ସ୍ଥିତିରେ ଗିରଫ କରାଯାଏ ତେବେ ତାଙ୍କୁ ତଦନ୍ତକାରୀ ଅଧିକାରୀ ଆବଶ୍ୟକ ସର୍ତ୍ତ ରଖି ତୁରନ୍ତ ଛାଡ଼ କରିବାକୁ ହାଇକୋର୍ଟ କହିଛନ୍ତି। ଡା. ସତ୍ୟେନ୍ଦ୍ର ପ୍ରକାଶ ବର୍ମାଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ସଞ୍ଜିତ ମାହତୋ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଜଣେ ନାବାଳିକା ଚାକରାଣୀ ଭବେ କାମ କରିଆସୁଥିଲା। ନାବାଳିକାକୁ ବିବାହ ପ୍ରତିଶ୍ରୁତି ଦେଇ ସଞ୍ଜିତ ତା' ସହ ଶାରୀରିକ ସମ୍ପର୍କ ରଖିଆସୁଥିଲା। ନାବାଳିକା ଜଣକ ଅନୁସୂଚିତ ଜାତି ବର୍ଗର ହୋଇଥିବା ବେଳେ ସେ ଅନ୍ତଃସତ୍ତ୍ୱା ହେବାରୁ ସଞ୍ଜିତ ତାକୁ ଗର୍ଭପାତ କରାଇବାକୁ କହିଥିଲା। ଏ ନେଇ ବିଶ୍ରା ଥାନାରେ ପୋକ୍ସୋ ଆଇନ ସହ ଏସସି-ଏସଟି ଆକ୍ଟ ଅନୁସାରେ ମାମଲା ରୁଜୁ ହୋଇଥିଲା। ପରେ ସମ୍ପୃକ୍ତ ଗ୍ରାମବାସୀ ସଞ୍ଜିତର ଘରେ ପହଞ୍ଚି ସମ୍ପୃକ୍ତ ନାବାଳିକାକୁ ପତ୍ନୀ ଭାବେ ସ୍ୱୀକାର କରିବାକୁ ଚାପ ପ୍ରୟୋଗ କରିଥିଲେ। ବାଧ୍ୟହୋଇ ସଞ୍ଜିତ ନାବାଳିକାକୁ ଘରେ ରଖିଥଲା। ଅନ୍ୟତମ ଅଭିଯୁକ୍ତ ଫାର୍ମାସିଷ୍ଟ ସନତ କୁମାର ମହାନ୍ତି ଓ ଏକ ନର୍ସିଂହୋମର ମ୍ୟାନେଜର ସଞ୍ଜୟ କୁମାର ପଣ୍ଡାଙ୍କ ସହ ମିଶି ଷଡ଼ଯନ୍ତ୍ର କରିବା ସହ ନାବାଳିକାକୁ ଗର୍ଭପାତ କରାଇବାକୁ ନେଇଥିଲା। ହେଲେ ସେଠାରେ ଏକ ଜୀବିତ ଶିଶୁକନ୍ୟା ଜନ୍ମ ହୋଇଥିଲା। ଏହାକୁ ଆବେଦନକାରୀ ଡା. ସତ୍ୟେନ୍ଦ୍ରଙ୍କ ହାତକୁ ଟେକିଦେଇଥିଲା ସଞ୍ଜିତ। ଅନ୍ୟପକ୍ଷରେ ଏକ ମୃତ କନ୍ୟା ଜନ୍ମ ହୋଇଛି ବୋଲି ମିଛ କହି ପୀଡ଼ିତା ନାବାଳିକାକୁ ଧରି ସଞ୍ଜିତ ଘରକୁ ପଳାଇ ଆସିଥିଲା। ପରେ ଖବର ପାଇ ସମ୍ପୃକ୍ତ ଡାକ୍ତରଙ୍କ ଘରୁ ସିଡବ୍ଲ୍ୟୁସି ସଦସ୍ୟମାନେ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ଗିରଫଦାରୀ ଏଡ଼ାଇବାକୁ ସମ୍ପୃକ୍ତ ଡାକ୍ତର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

# ବିଶ୍ରା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି

**ରାଉରକେଲା/ବିଶ୍ରା,୨୯ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ରା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଛି। ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୮୫ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ସମସ୍ୟା ଓ ୩୧ଟି ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ଏହାବ୍ୟତୀତ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ଅଧିକାଂଶ ଆବାସ ଘର, ଜମି, ରାସ୍ତା ଓ ଡ୍ରେନ ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ, ରାସନ କାର୍ଡ, ସ୍ୱାସ୍ଥ୍ୟ, ଅଙ୍ଗନବାଡ଼ି ଏବଂ ସ୍କୁଲ ଆଦି ସମସ୍ୟା ଉପରେ ଆଧାରିତ ଥିଲା




କାର୍ଯ୍ୟକ୍ରମରେ ବିଶ୍ରା ବିଡିଓ ଜଗନ୍ନାଥ ହନୁମାନ, ବ୍ଲକ ଅଧ୍ୟକ୍ଷା ଫୁଲମାନୀ କେରକେଟା, ସୁନ୍ଦରଗଡ଼ ସିଡିଏମଓ ଧରଣୀ ରଞ୍ଜନ ଶତପଥୀ, ବିଶ୍ରା ଡେପୁଟି ତହସିଲଦାର ପୁରୁଷୋତ୍ତମ, ଅବକାରୀ ଇନ୍ସପେକ୍ଟର, ଡେପୁଟି କଲେକ୍ଟର (ଆପତକାଳୀନ) ଶ୍ରୁତିସୌମ୍ୟା ଦାସ, ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାଏକ, ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ରସାନନ୍ଦ ବରାଳ, ବିଶ୍ରା ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ବିଜୁଳି ବିଭାଗ ଯନ୍ତ୍ରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରଜତ ଚନ୍ଦ୍ର ସିଂହଙ୍କ ସହ ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କଠୁ ଲୁଟ୍; ୩ ଗିରଫ





**ସୁନ୍ଦରଗଡ଼,୨୯ ।୧(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କନ୍ଦାବାହାଲ ନିକଟରେ ଜଣେ ପିକଅପ ଭ୍ୟାନ୍ ଚାଳକଙ୍କଠାରୁ ଲୁଟ୍ ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ବନଦୁର୍ଗା ଅଞ୍ଚଳର ଓମ୍‌ରାଜ ମହାପାତ୍ର (୨୪), ପଣସପଡ଼ାର ସୂରଜ ସାହୁ (୨୫) ଓ ରଙ୍ଗାଡିପାର ଦେବାଶିଷ ତନ୍ତୀ (୨୩)। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ସୁନ୍ଦରଗଡ଼ ଜେଲ୍ ପଠାଇ ଦିଆଯାଇଛି। ଗତ ୨୭ ତାରିଖ ସନ୍ଧ୍ୟାରେ ପିକ୍‌ଅପ୍ ଚାଳକ ମନମୋହନ ଯାଦବ ତାଙ୍କ ଗାଡ଼ିରେ ପରିବା ବିକ୍ରି କରି ସୁନ୍ଦରଗଡ଼ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ୩୭ ହଜାର ୫୦୦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କବିତା ଦାସ
ଆବିର୍ଭାବ: ୨୦.୦୭.୧୯୬୯
ତିରୋଧାନ: ୨୦.୦୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ନାତି- ନୀତେଶ, ରିତିଭିକ, ଝିଅ- ସପ୍ନା, ସଂଯୁକ୍ତା, ପୁତୁରା- ଜ୍ଞାନ, ଭଣଜା- ଅନୁରାଗ, ଜ୍ୱାଇଁ- ରାଜା, ଦେବାଶୀଷ, ଦିଅର- ଶୋବୋଧ ଓ ରବୀନ୍ଦ୍ର

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ

**ରାଉରକେଲା,୨୯ ।୧(ସମିସ):** ଚକୋଲେଟ ଦେଇ ଜଣେ ୯ ବର୍ଷର ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଟାଙ୍ଗରପାଲି ଥାନା ପୁଲିସ ଜଣେ ଅଟୋ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସାରନଗରୀ ନାରାୟଣୀ ମାର୍କେଟ ଅଞ୍ଚଳର ବସନ୍ତ କୁମାର ରାଉତରାୟ (୫୮)। ରବିବାର ସନ୍ଧ୍ୟାରେ ବୋଇତବନ୍ଧାଣ ପଡ଼ିଆରେ ଖେଳୁଥିବା ନାବାଳିକାକୁ ଚକୋଲେଟ୍ ପ୍ରଲୋଭନ ଦେଖାଇ ବସନ୍ତ ତାକୁ ନିକଟସ୍ଥ ଆରଏସପିର ଏକ ପରିତ୍ୟକ୍ତ କ୍ୱାର୍ଟର୍ସକୁ ଡାକିନେଇଥିଲା। ପରେ ତା' ସହ ଅଶ୍ଳୀଳ ବ୍ୟବହାର କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲା। ତେବେ ନାବାଳିକା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସେଠାକୁ ଯାଇ ବସନ୍ତକୁ ଧରିବା ସହ ନିର୍ଘୁମ ଛେଚି ଥାନାକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସନ୍ତକୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରିବା ସହ ତାକୁ ଗିରଫ କରିଛି।

# ବିଭିନ୍ନ ସ୍ଥାନରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ

## ରାଉରକେଲା ମଜଦୁର ସଭା

**ରାଉରକେଲା,୨୯ ।୧(ସମିସ):**

ରାଉରକେଲା ମଜଦୁର ସଭାର ସହର ଶାଖା କାର୍ଯ୍ୟାଳୟ ସେକ୍ଟର-୬ ସି/୮୦ଠାରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ସଂଗଠନ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉଦବୋଧନ ଦେଇଥିଲେ। ସିଦ୍ଧେଶ୍ୱର ବଳ, ହରେକୃଷ୍ଣ ପାଢ଼ୀ, ଖଗେନ୍ଦ୍ର ବେହେରା, ପ୍ରମୋଦ ଦାସ, ଦିଲୀପ ଜେନା, ସତ୍ୟାନନ୍ଦ ବେହେରା, ପତିତପାବନ ଜେନା, ବିଷ୍ଣୁମୋହନ ପ୍ରଧାନ, କେଦାର ଦାସ, ମହେଶ୍ୱର ଦାସ, ଏମ୍‌ପି ମଲ୍ଲିକ, ଜଗନ୍ନାଥ ସାହୁ, ବିଜୟ କୁମାର ଜେନା, ବିଦେଶୀ ମୁନା ପ୍ରମୁଖ ଉପସ୍ଥିତ ଥିଲେ।

ସଂଗଠନର ବିଶ୍ରା ରୋଡ୍‌ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ବରିଷ୍ଠ ଶ୍ରମିକ ନେତା ଆଦିକନ୍ଦ ଭୋଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଜେଡି ରାଉରକେଲା ଜିଲ୍ଲା ସଭାପତି ଗଗନ ପଣ୍ଡା, ସଭାନେତ୍ରୀ ଜୋତ୍ସ୍ନା ନାୟକ, ସନ୍ଧ୍ୟା ଲାକ୍ରା, ଆରତୀ ଚୌଧୁରୀ, ବନମାଳୀ ବେହେରା, ବିମଳ ବେହୁରିଆ, କୁଳମଣି ରାୟ, ଉମି ନାୟକ, ଦିଲୀପ ଜେନା, ହରିନାରାୟଣ ସା, ମନୁ ଭୋଳ, ରଶ୍ମି ଭୋଳ, ପିଙ୍କୁ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଟେନସାସ୍ଥିତ ବରସୁଆଁ ଲୌହଖଣି ଶାଖା କାର୍ଯ୍ୟାଳୟରେ ବରିଷ୍ଠ ଶ୍ରମିକ ନେତା ପ୍ରସନ୍ନ କୁମାର ସାହୁ ଓ ବରସୁଆଁ କାର୍ଯ୍ୟାଳୟରେ ନନୀଗୋପାଳ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ବେହେରା, କୃଷ୍ଣଚନ୍ଦ୍ର ରାଉତ, ନରେଶ ନାୟକ, ନିର୍ମଳା ବେହେରା, ପାଣ୍ଡବ ମାଝୀ, ମହମ୍ମଦ ସେକ ସିରାଜୁଦ୍ଦିନ, ଜଗନ୍ନାଥ ମଣ୍ଡଳ, ଶରତ ମଲ୍ଲ, ରାଜେଶ ବାରିକ, ଭଗବାନ ବେହେରା, ପ୍ରଧାନ ପୂର୍ତ୍ତି, କମଲ ରାୟ, ଜୟନ୍ତ କୁମାର, କପିଳଦେବ ସାହା, କମଲରାଜ କେବଟ, ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ପାନପୋଷ ସରସ୍ୱତୀ ଶିଶୁ ମନ୍ଦିର

ପାନପୋଷ ସରସ୍ୱତୀ ଶିଶୁ ମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମହାରାଜ ଅଗ୍ରେସନ ଭବନ ଓ ହରିୟାନା ନାଗରିକ ସଂଘର ଟ୍ରଷ୍ଟି ଓମ୍‌ପ୍ରକାଶ ବାପୁଡ଼ିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତେଳନ କରିଥିଲେ। ଅର୍ଜୁନ ସାହୁ ମୁଖ୍ୟବକ୍ତା, ପ୍ରତିଷ୍ଠାତା ସଦସ୍ୟ ବଦ୍ରିନାରାୟଣ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଅଗ୍ରୱାଲ, ସମ୍ପାଦକ ସନ୍ତୋଷ ମହାନ୍ତି, କୋଷାଧ୍ୟକ୍ଷ ଚନ୍ଦନଲାଲ ଅଗ୍ରୱାଲ, ରଜତ ଜୟନ୍ତୀ ସମାରୋହ ସଭାପତି ଭବାନୀ ଶଙ୍କର ଚାନ୍ଦେଲ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚନ୍ଦ୍ରଧ୍ୱଜ ମାଝୀ, ଦିଲୀପ ଅଗ୍ରୱାଲ ଅମର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ରେଣୁବାଳା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଗୁରୁମା ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ପ୍ରମୁଖ କୁନଲତା ରାଉତ ଓ ଡଳି ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



## ବାସନ୍ତୀ ପାଠାଗାର

ବାସନ୍ତୀ ପାଠାଗାର ଆନୁକୂଲ୍ୟରେ ପାଠାଗାର ପରିସରରେ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ପାଠାଗାର କାର୍ଯ୍ୟକାରୀ ସଭାପତି ବିକ୍ରମ ଆଚାର୍ଯ୍ୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ବିଭୁଦତ୍ତ ବେହେରା, ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ, ବସନ୍ତ ମହାରଣା, ପ୍ରଶ୍ନ ସାବତ, ପ୍ରକାଶଚନ୍ଦ୍ର ପାଢ଼ୀ, ଶରତଚନ୍ଦ୍ର ରାଉତ, କୁଳମଣି ଦାସ, ଅରବିନ୍ଦ ପାତ୍ର, ବିକାଶ ବାନାର୍ଜୀ, ଗଗନ ନାୟକ, କମଳାକାନ୍ତ ମହାନ୍ତି, ଗୀତାଞ୍ଜଳି ମହାରଣା, ସ୍ୱର୍ଣ୍ଣଲତା ଘଡ଼େଇ, ଭାନୁଲତା ଘଡ଼େଇ, ଜ୍ୟୋତ୍ସ୍ନା ଦାଶ, ଗୋପୀନାଥ ଓଝା, ରବୀନ୍ଦ୍ର ଠାକୁର, ସୁମନ୍ତ ପତି, ତାପସ ସାହା ପ୍ରମୁଖ ଉପସ୍ଥିତ ଥିଲେ।

● ତିନିଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଟାଟାନଗରକୁ ହରାଇ ଭଗତ ଟୋଲା ଚାମ୍ପିଅନ



**ରାଜଗାଙ୍ଗପୁର,୨୯ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଭଗତ ଟୋଲାଠାରେ ଲଖୁଆ ସମାଜ ପକ୍ଷରୁ ଗତ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ତିନିଦିନିଆ ୨୮ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଏଥିରେ ୧୬ ଟିମ୍ ଭାଗନେଇଥିଲେ। ଭଗତ ଟୋଲା ଚାମ୍ପିଅନ ଓ ଟାଟାନଗର ରନର୍ସଅପ୍ ହୋଇଛି। ଉଦଯାପନୀ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ଼ ଜିଲ୍ଲାର ଖେଳାଳିମାନେ ମନପ୍ରାଣ ଓ ନିଷ୍ଠାର ସହ ଖେଳକୁ ଆଦରିନେଲେ ଭବିଷ୍ୟତରେ ଖ୍ୟାତି ଅର୍ଜନ କରିପାରିବେ ବୋଲି ମତ ଦେଇଥିଲେ। ଏଥିସହ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ଉପାଧ୍ୟକ୍ଷ ଏମଡି ଇର୍ଫାନ ଯୋଗଦେଇଥିଲେ। ଲଖୁଆ ସମାଜ ସଦସ୍ୟା ତଥା ବିଜେଡି ନେତ୍ରୀ ପ୍ରିୟଦର୍ଶିନୀ ଭୋଇ, ସଭାପତି ହରିନାଥ ବରୁଆ, ଉପସଭାପତି ଜଗଦୀଶ ଲେହେରୀ, ଶିବପ୍ରସାଦ ସନ୍ନ୍ୟାସୀଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ନାମୀ ସନ୍ନ୍ୟାସୀ, ନନ୍ଦୁ ନାଗ, ବାବୁଲାଲ ନାଗ, ଭୋଲା ନାଗ, ଭୁରୁଷବ ସନ୍ନ୍ୟାସୀ ପ୍ରମୁଖ ପରିଚାଳନା କରିଥିଲେ।

## ସମାଜ ବିଜ୍ଞାନରେ ପିଏଚଡି ଲାଭ



ଗବେଷକ ଦେବେନ୍ଦ୍ର କୁମାର ସାମଲ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନ (Sociology)ରେ ସମ୍ମାନଜନକ ଡକ୍ଟୋରେଟ ଉପାଧି ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନିତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Social and Economic Empowerment of Tribal Girls through Holistic Education: A case study of Kalinga Institute of Social Sciences, (KISS) Bhubaneswar" ଉପରେ ଗବେଷଣା କରୁଥିଲେ। ତାଙ୍କର ଏହି ଗବେଷଣାତ୍ମକ ସନ୍ଦର୍ଭଟି Mysore University, Karnatakaର ସମାଜ ବିଜ୍ଞାନ ବିଭାଗର ପ୍ରଫେସର R. Indira ଓ VNSG University, Suratର ସମାଜ ବିଜ୍ଞାନ ବିଭାଗର ପ୍ରଫେସର ତଥା ପୂର୍ବତନ ବିଭାଗୀୟ ମୁଖ୍ୟ Prof. Pervez Ahmad Abbasiଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଦେବେନ୍ଦ୍ର କୁମାର ସାମଲ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ସ୍ଥିତ ଚଢେଇଗୁଆଁ (ପଟଣା) ଗ୍ରାମ ନିବାସୀ ମାତା ଶ୍ରୀମତୀ ସ୍ୱର୍ଣ୍ଣଲତା ସାମଲ ଓ ପିତା ଶ୍ରୀ ଉପେନ୍ଦ୍ର ସାମଲଙ୍କ ସୁପୁତ୍ର। ଡ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ସହିତ ତାଙ୍କର ଶ୍ରେୟ ଗାଇଡ ଅନିତା ଦାଶ, ଧର୍ମପତ୍ନୀ ସୁଜାତା, ପୁତ୍ର ଶ୍ରୀଧର, ପରିବାରବର୍ଗ, ବନ୍ଧୁ ସମେତ ସମସ୍ତ ସହକର୍ମୀଙ୍କୁ ଦେଇଛନ୍ତି। ପରିଶେଷରେ ସେ ତାଙ୍କର ସଫଳତାର ପାଇଁ ତାଙ୍କର ପଥପ୍ରଦର୍ଶକ KIIT ଓ KISS ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କନ୍ଧମାଳ ଲୋକସଭା ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ପ୍ରେରଣା ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ଦୃଢ଼ବ୍ୟକ୍ତ କରିଛନ୍ତି।



# ରାଉରକେଲାରେ ଏଜୁକେଶନ ଓଡ଼ିଶା କନ୍‌କ୍ଲେଭ୍

**ରାଉରକେଲା, ୨୯ ।୧(ସମିସ):** ପଶ୍ଚିମାଞ୍ଚଳ ପତ୍ରିକା ତଥା ରାକେଶ ମିଶ୍ର ଏଚ୍‌ଆର୍ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବ୍ରାହ୍ମଣୀ କ୍ଲବ୍‌ରେ ଏଜୁକେଶନ ଓଡ଼ିଶା କନ୍‌କ୍ଲେଭ୍ ଆୟୋଜିତ ହୋଇଛି । ଦୀପ ପ୍ରଜ୍ୱଳନ ସହ କନ୍‌କ୍ଲେଭକୁ ଉଦ୍‌ଘାଟନ କରି ମୁଖ୍ୟଅତିଥି ରାଉରକେଲା ଇସ୍ପାତ କାରଖାନା ସାମଗ୍ରୀ ପରିଚାଳନା ବିଭାଗ ଇଡି ସୋମନାଥ ତ୍ରିପାଠୀ କହିଲେ, ସରକାରଙ୍କ ଶିକ୍ଷାନୀତି ସୃଜନଶୀଳ ହେବା ଉଚିତ୍ । ନର୍ସରୀ ଶିକ୍ଷାରୁ ହିଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳ ଚିନ୍ତାଧାରା ଜାଗ୍ରତ କରିବା ଆମର ଧ୍ୟେୟ ହେବା ଆବଶ୍ୟକ । କାରଣ ସୃଜନଶୀଳତା ହିଁ ସମାଜକୁ ଆଗେଇନେବାରେ ସହାୟକ ହେବ । ବିଦ୍ୟାଳୟ, ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ବୋଲି ଇଡି ତ୍ରିପାଠୀ କହିଥିଲେ ।



କନକ୍ଲେଭର ଅଧ୍ୟକ୍ଷ ବୈଦ୍ୟନାଥ ମିଶ୍ର ସ୍ୱାଗତ ଭାଷଣରେ କହିଲେ, ସ୍କୁଲ ପିଲାଙ୍କ ବସ୍ତାନି ବୋଝ ସରକାରଙ୍କ ତାଗିଦ୍ ସତ୍ତ୍ୱେ କମୁନାହିଁ । ପାଠ୍ୟଖସଡ଼ା, ହୋମ୍‌ୱାର୍କ ଓ ଟ୍ୟୁସନ ଭିତରେ ଛନ୍ଦିହୋଇ ସେମାନଙ୍କୁ ଖେଳାଖେଳି ପାଇଁ ସମୟ ମିଳୁନାହିଁ । ଏପରିକି ନୃତ୍ୟକଳା, ଚିତ୍ରାଙ୍କନ, ନାଟକ ଇତ୍ୟାଦି ପ୍ରତି ସେମାନଙ୍କ ଅଭିରୁଚି ବାଧିତ ହେଉଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ସ୍ଥାନୀୟ ଏନ୍‌ଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ କହିଲେ, ଶିକ୍ଷାକ୍ଷେତ୍ର ଶିଳ୍ପର ପ୍ରୟୋଗଶାଳା ହେବା ଆବଶ୍ୟକ । ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ସ୍ତରରୁ ପ୍ରୟୋଗାତ୍ମକ ତାଲିମ ଦେବାକୁ ହେବ । ପାରିବାରିକ ପରିବେଶରୁ ହିଁ ଅନେକ ଶିକ୍ଷଣୀୟ ବିଷୟ ସେମାନେ ଆହରଣ କରିପାରିବେ ଯଦି ପିତା-ମାତା ବା ଅଭିଭାବକମାନେ ସେମାନଙ୍କ ପ୍ରତି ସମୁଚିତ ଧ୍ୟାନ ଦେବେ । ଅନ୍ୟତମ ଅତିଥି ଘରୋଇ ଟିଭି ଚାନେଲର ସମ୍ପାଦକ ଡ. ଅଶୋକ ପଣ୍ଡା ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି କହିଲେ, ଗୁଣାତ୍ମକ ଶିକ୍ଷା ବ୍ୟୟବହୁଳ ହେବା ମଧ୍ୟବିତ୍ତ ପରିବାର ପାଇଁ ଉଦ୍‌ବେଗର କାରଣ ପାଲଟିଛି । ସବୁ ଜାତି ଓ ଧର୍ମର ପିଲାଙ୍କୁ ଏକାଠି ପଢ଼ିବାର ସୁଯୋଗ ମିଳିବା ଆବଶ୍ୟକ । ଶିକ୍ଷା ଏକ ସାର୍ବଜନୀନ ବିଷୟ ଓ ଏହାର ପରିସର ସୀମାହୀନ ହୋଇଥିବାରୁ ସମସ୍ୟାବହୁଳ ହେବା ସ୍ୱାଭାବିକ । ତେବେ ଆମକୁ ହିଁ ଏହାର ସମାଧାନ କରିବାକୁ ହେବ ବୋଲି ସେ କହିଥିଲେ । ଶିକ୍ଷାର ଅନ୍ତର୍ଭୁକ୍ତୀକରଣ ସମୟର ଆବଶ୍ୟକତା ବୋଲି ସେ ମତ ଦେଇଥିଲେ ।

'ପଶ୍ଚିମାଞ୍ଚଳ'ର ସମ୍ପାଦିକା ଡା. ସୁରମା ମିଶ୍ର ଦଣ୍ଡମୁକ୍ତ ଓ ନିଶାମୁକ୍ତ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି ଶିକ୍ଷାର ମାନ ବୃଦ୍ଧି ପାଇଁ ଉନ୍ନତମାନର ଶିକ୍ଷକଙ୍କ ଅଭାବ ଥିବା ଦର୍ଶାଇଥିଲେ । ମୁଖସ୍ଥ ପାଠ ଯୋଗୁଁ ଶିଶୁର କଳ୍ପନା ଶକ୍ତି ବାଧାପ୍ରାପ୍ତ ହେଉଛି । ଅପୂର୍ଣ୍ଣରୁ ପୂର୍ଣ୍ଣତା ଆଡ଼କୁ ଯାତ୍ରା ହିଁ ଶିକ୍ଷାର ଲକ୍ଷ୍ୟ । ପିଲାଙ୍କଠାରେ ବହି ପଢ଼ିବାର ଅଭ୍ୟାସ କମିଯାଉଛି ବୋଲି ସେ କହିଥିଲେ । ଅନ୍ୟତମ ବକ୍ତା ସୁମନ ଦତ୍ତ କହିଲେ, ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଦେଶଗୁଡ଼ିକ ତାଲିକାରେ ଭାରତର ସ୍ଥାନ ନ ଥାଇପାରେ, କିନ୍ତୁ ଶିକ୍ଷିତ ଭାରତୀୟମାନଙ୍କୁ ନେଇ ସେମାନଙ୍କ ସଫ୍ଟୱେର କ୍ଷେତ୍ର ସମୃଦ୍ଧ । ତେଣୁ ଭବିଷ୍ୟତକୁ ନେଇ ଆମେ ଆଶାବାଦୀ ହେବା ଆବଶ୍ୟକ ବୋଲି ଦତ୍ତ କହିଥିଲେ । ପାନପୋଷ ବିଜେପି ଜିଲ୍ଲା ସାଙ୍ଗଠନିକ ସଭାନେତ୍ରୀ ଲତିକା ପଟ୍ଟନାୟକ ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନକୁ ନେଇ ସରକାରଙ୍କ ଜ୍ଞାତସାରରେ ହେଉଥିବା ଦୁର୍ନୀତିର ତୀବ୍ର ସମାଲୋଚନା କରିଥିଲେ । ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ଜେନା କହିଲେ, ଛାତ୍ରଛାତ୍ରୀ ଅନୁପାତରେ ଶିକ୍ଷକ ନିଯୁକ୍ତି ପର୍ଯ୍ୟାପ୍ତ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଏଥିପାଇଁ ପ୍ରଶାସନ ମୁଖ୍ୟତଃ ଦାୟୀ ବୋଲି ସେ କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଲାୟନ ଆର୍.କେ. ସିଂ, ଲାୟନ ସତନ କୁମାର ପ୍ରଧାନ, ନଳିନୀକାନ୍ତ ଧର, ଚିରଞ୍ଜନ ବ୍ରହ୍ମା ପ୍ରମୁଖ ନିଜସ୍ୱ ମତାମତ ପ୍ରଦାନ କରିଥିଲେ । ଅନୀଲ କୁମାର ମଲ୍ଲିକ ସଭା ପରିଚାଳନା କରିଥିଲେ । କେସିଙ୍ଗା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରୋଟାରିଆନ ସୁରଜିତ ସିଂ ଏବଂ ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭାର ସଭାପତି ଛଗନଲାଲ ଜୈନଙ୍କୁ 'ପଶ୍ଚିମାଞ୍ଚଳ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । 'ପଶ୍ଚିମାଞ୍ଚଳ'ର ପ୍ରକାଶକ ସ୍ୱରୂପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍‌ଏସ୍‌ପି କଣ୍ଟ୍ରାକ୍ଟର ସୁପରଭାଇଜର ସମ୍ବର୍ଦ୍ଧିତ




**ରାଉରକେଲା, ୨୯ ।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବିଭିନ୍ନ ୟୁନିଟରେ ନିୟୋଜିତ ଥିବା ୧୧ ଜଣ କଣ୍ଟ୍ରାକ୍ଟର ସୁପରଭାଇଜରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଯୋଗଦାନ ପାଇଁ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ୭୫ତମ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଆର୍‌ଏସ୍‌ପି ଓ ବୋକରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ 'ବିଶିଷ୍ଟ ସୁପରଭାଇଜର ପାର ଏକ୍ସଲେନ୍ସ ପୁରସ୍କାର'ରେ ସମ୍ମାନିତ କରିଛନ୍ତି । ଏହି ଅବସରରେ ପ୍ରତ୍ୟେକଙ୍କୁ ସାଲେମ ଟ୍ରାଭେଲର୍ସ ସେଟ୍ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା ।
ପର୍ସନାଲ ସିଏଲସି ବିଭାଗର ପ୍ରଚଳିତ ସ୍କିମ୍ ଅନୁଯାୟୀ ୯୦ ଜଣଙ୍କ ନାମାଙ୍କନ ଗ୍ରହଣ କରାଯାଇଥିଲା । ସେ ମଧ୍ୟରୁ ସ୍ୱତନ୍ତ୍ର କମିଟି ଦ୍ୱାରା ସ୍କ୍ରିନିଂ ପରେ ବିଭିନ୍ନ କାର୍ଯ୍ୟର ଭିନ୍ନ ଭିନ୍ନ ପାରାମିଟର ଉପରେ ୧୧ ଜଣଙ୍କୁ ଚୟନ କରାଯାଇଥିଲା । ପୁରସ୍କାର ବିଜେତାମାନେ ହେଉଛନ୍ତି ମେସର୍ସ ସନଟେକ ଇଞ୍ଜିନିୟରର ଅନିଲ କୁମାର ବାସୁଦେବନ, ମେସର୍ସ ପଙ୍କଜ ଏଣ୍ଟରପ୍ରାଇଜେସର ବାପି ପ୍ରଧାନ, ଟାଟା ପ୍ରୋଜେକ୍ଟ ଲିମିଟେଡର ଦିଲୀପ କୁମାର ବିନ୍ଧାଣୀ, ମେସର୍ସ କେପି ସିଂ ଆଣ୍ଡ କୋର ଏମଡି ଅଜାଦ, ମେସର୍ସ ଗଜଲକ୍ଷ୍ମୀ ବିଜନେସ ଏଣ୍ଟରପ୍ରାଇଜେସର ନୀଳକଣ୍ଠ ଦାସ, ମେସର୍ସ ପୁନିଆ ଏଣ୍ଟରପ୍ରାଇଜେସର ପ୍ରଦୀପ କୁମାର ପଣ୍ଡା, ମେସର୍ସ ହିମାଂଶୁ ବ୍ରଦର୍ସର ପ୍ରଫୁଲ୍ଲ ସାହୁ, ମେସର୍ସ ସୀମା ହାଇଡ୍ରଲିକ୍ସର ପ୍ରସାଦ ତିଆଡ଼ି, ମେସର୍ସ ଷ୍ଟିଲ କନଷ୍ଟ୍ରକ୍ସନର ପ୍ରିୟଦର୍ଶିନ କୁଆଁର, ମେସର୍ସ ଉତ୍କଳ ପ୍ରୋଜେକ୍ଟର ସାମନ୍ତ ସମ୍ବିତ ଧଳ ଏବଂ ମେସର୍ସ ବିପ୍ଳବ କନଷ୍ଟ୍ରକ୍ସନର ସୀମାଞ୍ଚଳ ପ୍ରଧାନ ।

■ **ସିପିଆଇଏମ୍‌ର କର୍ମୀ ସମ୍ମିଳନୀ**

## ଆଗାମୀ ନିର୍ବାଚନ ପାଇଁ ରଣନୀତି



**ବଣାଇଁ, ୨୯ ।୧(ସମିସ):** ବଣାଇଁ ବିଧାନସଭା ନିର୍ବାଚନ ମଣ୍ଡଳୀ ସିପିଆଇଏମ ପକ୍ଷରୁ ଦେଓଗାଁସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, କେନାଭେଟା ଶାଖା ସମ୍ପାଦକ ବାଣେଶ୍ୱର ସାହୁ ଯୋଗଦେଇଥିଲେ । ଆଗାମୀ ୨୦୨୪ ନିର୍ବାଚନରେ ପୁଣି ଥରେ ବଣାଇଁ ବିଧାୟକ ଭାବେ ଲକ୍ଷ୍ମଣ ମୁଣ୍ଡାଙ୍କୁ ବିଜୟୀ କରାଇବା ଲକ୍ଷ୍ୟ ନେଇ ପ୍ରତି ବୁଥ, ୱାର୍ଡରେ କାର୍ଯ୍ୟ କରିବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ । ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଜୀତ, ମାନସ ସାହୁ, ଗିରିଧାରୀ ତ୍ରିପାଠୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

● **'ଆର୍‌ଏସ୍‌ପି ଗୌରବ' ପ୍ରତିଯୋଗିତା**

## ବିଜେତା ଓ ସର୍ବାଧିକ ଅଂଶଗ୍ରହଣକାରୀ ବିଭାଗ ପୁରସ୍କୃତ

**ରାଉରକେଲା, ୨୯ ।୧(ସମିସ):** ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ଗଣତନ୍ତ୍ର ଦିବସ ଉତ୍ସବରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ୩ ଜଣ କର୍ମଚାରୀ, ୩ ଜଣ ଅଧିକାରୀ ଏବଂ ସର୍ବାଧିକ ଅଂଶଗ୍ରହଣକାରୀ ବିଭାଗଗୁଡ଼ିକୁ 'ଆରଏସପି ଗୌରବ' ପୁରସ୍କାର ପ୍ରଦାନ କରିଛନ୍ତି । କର୍ମଚାରୀ ବର୍ଗରେ ପ୍ରଥମ ୩ଟି ପୁରସ୍କାର ଯଥାକ୍ରମେ ନୂତନ ପ୍ଲେଟ ମିଲ ବିଭାଗର ଓସିଟି ଶୁଭାଶିଷ ପଣ୍ଡା, ଇନଷ୍ଟ୍ରୁମେଣ୍ଟେସନ ବିଭାଗ ସିନିୟର ଟେକ୍ନିସିଆନ ତନ୍ମୟ କୁମାର ସାମଲ ଏବଂ ସିସିଡି ବିଭାଗ ଟେକ୍ନିସିଆନ ମାଜିଦ ଅଖତର ଅଂସାରୀ ଲାଭ କରିଥିଲେ ।



ସେହିଭଳି ଅଧିକାରୀ ବର୍ଗରେ କୋକ୍ ଓଭେନ ବିଭାଗ ସିନିୟର ମ୍ୟାନେଜର ତନୁଶ୍ରୀ ପରିଡ଼ା ପ୍ରଥମ ପୁରସ୍କାର ଲାଭ କରିଥିବା ବେଳେ ସିପି-୨ ବିଭାଗ ଜୁନିଅର ଅଫିସର ସନ୍ତୋଷ କୁମାର ସାହୁ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗ ସିନିୟର ମ୍ୟାନେଜର ଶଶିଭୂଷଣ ଶତପଥୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ । ପ୍ରଥମ ଥର ପାଇଁ ସର୍ବାଧିକ ଅଂଶଗ୍ରହଣ କରିଥିବା ବିଭାଗକୁ ପୁରସ୍କୃତ କରାଯାଇଥିଲା । ଏହି ପୁରସ୍କାର ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗ ହାସଲ କରିଥିଲା । ଉଲ୍ଲେଖଯୋଗ୍ୟ, 'ମୋ ଆରଏସପି ମୋ ଗୌରବ' ପୁରସ୍କାର ଯୋଜନା ୨୦୨୩ ଜାନୁଆରୀରେ ଆରମ୍ଭ ହୋଇଥିଲା । ଆର୍‌ଏସ୍‌ପି ପରି ଏକ ମହାନ ଅନୁଷ୍ଠାନର ଅଂଶ ହୋଇଥିବାରୁ କର୍ମଚାରୀଙ୍କ ଗର୍ବ ଭାବନାକୁ ସୁଦୃଢ଼ କରିବା ଏବଂ ସକାରାତ୍ମକ ଚିନ୍ତାଧାରା ତଥା ସର୍ବଦା କାରଖାନାର ବାର୍ତ୍ତାବହ ହେବାର ଅଭ୍ୟାସ ସୃଷ୍ଟି କରିବା ପ୍ରତିଯୋଗିତାର ଉଦ୍ଦେଶ୍ୟ । ଏହି ଯୋଜନା ଅନୁଯାୟୀ କର୍ମଚାରୀମାନଙ୍କୁ ୧୫ ଦିନ ନିମନ୍ତେ କ୍ରମାଗତ ରୂପେ ଆରଏସପି ସମ୍ବନ୍ଧରେ ସକାରାତ୍ମକ ବାର୍ତ୍ତା ଗୋଟିଏ ବାକ୍ୟରେ ଲେଖିବା ଆବଶ୍ୟକ ।

ପ୍ରତିଯୋଗିତାର ତୃତୀୟ ପର୍ଯ୍ୟାୟ ଜାନୁଆରୀ ୧ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା । ଆରଏସପି-ପୋର୍ଟାଲ କର୍ମଚାରୀ ଜୋନ ଏବଂ ମୋବାଇଲ ଆପ-କର୍ମୀ ମିତ୍ରରେ ୧୭୩୨ ଜଣ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଅଧିକାରୀଙ୍କ ଏକ କମିଟି ପଞ୍ଜିକୃତ ବାର୍ତ୍ତାଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ ଯେଉଁଥିରେ କର୍ମଚାରୀମାନଙ୍କ ନାମ ଗୋପନୀୟ ରଖାଯାଇଥିଲା । ପ୍ରତିଷ୍ଠାନ ସହିତ କର୍ମଚାରୀଙ୍କ ସମ୍ପର୍କକୁ ଅଧିକ ନିବିଡ଼ କରିବା ତଥା ସେମାନଙ୍କୁ ପ୍ରତିଷ୍ଠାନର ବାର୍ତ୍ତାବହ ରୂପେ ପ୍ରସ୍ତୁତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି ।

## ଉତ୍କଳ କରାଟେ ସ୍କୁଲର ୫ କରାଟେକା ସମ୍ବର୍ଦ୍ଧିତ



**ରାଉରକେଲା, ୨୯ ।୧(ସମିସ)**

ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ରାଉରକେଲା ଉଦିତନଗରସ୍ଥିତ ପରେଡ୍ ପଡ଼ିଆରେ ଆୟୋଜିତ ୭୫ତମ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଜାତୀୟ କୃତିତ୍ୱ ହାସଲ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ରାଉରକେଲା କରାଟେ ଆସୋସିଏସନ ମାଧ୍ୟମରେ ସବଜୁନିଅର ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ଡିଏଭି ସ୍କୁଲର ଛାତ୍ର ଆର୍ଯ୍ୟବ୍ରତ ବିଶ୍ୱାଳ (ରୌପ୍ୟ ପଦକ), ଚିନ୍ମୟ ଇଂରାଜୀ ମାଧ୍ୟମ ସ୍କୁଲର ଆର୍ଯ୍ୟା ବଂଶୀକା (ବ୍ରୋଞ୍ଜ ପଦକ) ଓ କେନ୍ଦ୍ରୀୟ ବିଦ୍ୟାଳୟର ସୂର୍ଯ୍ୟପ୍ରକାଶ ଘଡ଼େଇ (ବ୍ରୋଞ୍ଜ ପଦକ) ସହ ଡିଏଭି ଜାତୀୟ କରାଟେ ଚାମ୍ପିୟନସିପ ରାଉରକେଲାରୁ ହିମାଂଶୁ ନାୟକ (ସ୍ୱର୍ଣ୍ଣ) ଓ ସୁହାନି ମିଶ୍ର (ବ୍ରୋଞ୍ଜ) ପଦକ ଜିଣି ସହର ଓ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଥିବା ଯୋଗୁଁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳେଇଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ।

DSPL-587

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ । ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ ।
- ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ ।

Secretary, Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

E-Mail: rera.odisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

OIPR-13223/13/0013/2324

DADLS-100

ଓଡ଼ିଶା ସରକାର



ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ
ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୩୦ ଜାନୁଆରୀ, ୨୦୨୪ ସକାଳ: ପୂର୍ବାହ୍ନ ୧୦.୪୭ ମିନିଟ
ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ଭୁବନେଶ୍ୱର

ପ୍ରାର୍ଥନା ସଭା

ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ
ପୋଲିସ ବାହିନୀ ଦ୍ୱାରା ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ
ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱର ତରଫରୁ ଆଶ୍ରମ ଭଜନ ପରିବେଷଣ

ଏହି ପ୍ରାର୍ଥନା ସଭାରେ

ଶ୍ରୀଯୁକ୍ତ ରଘୁବର ଦାସ, ମାନ୍ୟବର ରାଜ୍ୟପାଳ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରମିଳା ମଲ୍ଲିକ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ
ମନ୍ତ୍ରିମଣ୍ଡଳର ମାନ୍ୟବର ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ଓ ବିଧାୟକଗଣ ଯୋଗଦେବେ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0309/2324

● ଟାଙ୍ଗରପାଲିରେ ମାଣ୍ଡିଆ ମହୋତ୍ସବ

# ଜିଲ୍ଲାର ଦ୍ୱିତୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ସୁନ୍ଦରଗଡ଼, ୨୯ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଦ୍ୱିତୀୟ ମାଣ୍ଡିଆ ମଣ୍ଡି ସୋମବାର ଟାଙ୍ଗରପାଲି ବ୍ଲକ ବସୁଧା କୃଷକ ସଂଗଠନ କାର୍ଯ୍ୟାଳୟରେ ଉଦଘାଟିତ ହୋଇଛି। ଟିଡିସିସି ରାଜ୍ୟ ସଭାପତି ଚମେଲି ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଛନ୍ତି। ମାଣ୍ଡିଆ ଚାଷୀମାନେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗର ଲାଭ ଉଠାଇ ନିଜ ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ଏହି ଅବସରରେ ଓରାମ ପରାମର୍ଶ ଦେଇଥିଲେ। ଅତିରିକ୍ତ ବ୍ଲକ ସଂଯୋଜକ ଅମିୟ ରଞ୍ଜନ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଶା ମିଲେଟ ମିଶନ ଜିଲ୍ଲା ସଂଯୋଜକ ସୁନୀଲ ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଆଇସିଡିଏସ ବ୍ଲକ ସଂଯୋଜକ ସ୍ନିଗ୍ଧାରଣୀ ମହାପାତ୍ର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଦିଆଯାଉଥିବା ରାଗି ଲଡୁର ଉପକାରିତା ବିଷୟରେ କହିଥିଲେ। ଟିଡିସିସିର ଜୟନ୍ତ କୁମାର ମଲ୍ଲିକ ମାଣ୍ଡିଆ ମଣ୍ଡିକୁ ଉନ୍ନତମାନର ମାଣ୍ଡିଆ ଆଣି ସରକାରଙ୍କ ନିର୍ଦ୍ଧାରିତ ଉଚିତ ମୂଲ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟାଙ୍ଗରପାଲି ବ୍ଲକ କୃଷି ଅଧିକାରୀ ବିବେକ ପଟେଲ, ଓଡ଼ିଶା ମିଲେଟ ମିଶନ ଜିଲ୍ଲା ସଂଯୋଜକ ଦିବ୍ୟଜ୍ୟୋତି ପଣ୍ଡା, ଫାଇନାନ୍ସ ସୌରଭ ନାୟକ, ସେବକର ବିତ୍ତୀୟ ପରିଚାଳକ ନୀଳାମ୍ବର ଉପାଧ୍ୟାୟ, ସର୍ଗିପାଲି ଆରଏମସି ସମ୍ପାଦକ ସୁଧୀର କୁମାର ନାୟକ, ତରୁଣ ମିଶ୍ର, ପ୍ରହଲ୍ଲାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମାଣ୍ଡିଆ ମଣ୍ଡି ସଚେତନତା ରଥକୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ୪ ଦିନ ଧରି ବ୍ଲକର ୧୩ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବ।

ବ୍ଲକରେ ୧୨୨୫ ଜଣ ଚାଷୀ ୧୮୭୫ ଏକର ଜମିରେ ମାଣ୍ଡିଆ ଚାଷ କରିଛନ୍ତି। ଚଳିତ ଖରିଫ ଋତୁରେ କ୍ୱିଣ୍ଟାଲ ପ୍ରତି ୩୮୪୬ ଟଙ୍କା ଦରରେ ଏହି ବ୍ଲକରୁ ୫୬୦୦ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ୭୩ ଚାଷୀଙ୍କଠାରୁ ୮୩.୩୫ କ୍ୱିଣ୍ଟାଲ ମାଣ୍ଡିଆ ସଗ୍ରହ କରାଯାଇଛି। ଏଥିସହ ଏକ ମାଣ୍ଡିଆ ଖାଦ୍ୟ ମହୋତ୍ସବ ମଧ୍ୟ ଆୟୋଜନ କରାଯାଇଥିଲା। ମାଣ୍ଡିଆ ଆରିସା, ଠେଠେରୀ, କାଠିନିମିକି, ବିସ୍କୁଟ, ମିକ୍ସଚର, ସୁଆଁଖିରି, ରୋଜ୍ କେକ୍, ମୁଡୁକୁ, ଖଜୁରୀ ପିଠା, ବରା, ଗଙ୍ଗେଇ ଲିଆ, ଗଙ୍ଗେଇ ବିସ୍କୁଟ ଆଦି ୧୫ ପ୍ରକାର ପୁଷ୍ଟିଶସ୍ୟ ଖାଦ୍ୟ ବାସ୍ନାରେ ଉପସ୍ଥିତ ଅତିଥି, ଚାଷୀ, ଏସଏଚଜି ସଦସ୍ୟା, ସୈନିକ ସ୍କୁଲର ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଗ୍ରାମବାସୀ ବିମୋହିତ ହୋଇଥିଲେ। ଶେଷରେ ଓଡ଼ିଶା ମିଲେଟ ମିଶନ ତରଫରୁ ଆସିଥିବା ଥ୍ରେଶର (ମାଣ୍ଡିଆ ସଫା କରିବା ମେସିନ)କୁ ଅତଥିମାନେ ଦ୍ୱାରା କାପୁଟିକ୍ରାର କୃପା ଏସଏଚଜିକୁ ପ୍ରଦାନ କରିଥିଲେ। ଯଶୋବନ୍ତ ରାଉତ, ଶୁଭମ ପଶାୟତ, ସଞ୍ଜୟ ସିଂ, ଆକାଶ ଚୌଧୁରୀ, ସୁମନ୍ତ ଖମାରୀ, ସୁଜାତା ପଟେଲ, ସରିତା ବୁଡ଼ା, କ୍ରିତିକା ସିଂ, ଅଜୟ ସୁନ୍ୟାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଶାଳ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।



**୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ**

# ଚତୁର୍ଥ ପର୍ଯ୍ୟାୟରେ ୮୨ ରୂପାନ୍ତରିତ ସ୍କୁଲ ଲୋକାର୍ପିତ






**ସୁନ୍ଦରଗଡ଼, ୨୯ ।୧(ସମିସ)**

୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଚତୁର୍ଥ ପର୍ଯ୍ୟାୟରେ ସୋମବାର ସୁନ୍ଦରଗଡ଼ ଜିଲ୍ଲାର ୮୨ଟି ସ୍କୁଲ ଲୋକାର୍ପିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସେଣ୍ଟ ମେରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟୋପ୍ପୋ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଯୋଗେଶ କୁମାର ସିଂହ, ଜିଲ୍ଲାପାଳ ଡା. ପରାଗ ଗାଭାଲି, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଏହି ଅବସରରେ ସେଣ୍ଟ ମେରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ରାଧିକା ସାହୁ ନିଜ ମତାମତ ରଖି କହିଲେ, ଏହି ରୂପାନ୍ତରିତ ସ୍କୁଲ ମାଧ୍ୟମରେ ବିଦ୍ୟାର୍ଥୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ମିଳିଛି। ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲ୍ୟାବ୍, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ସ୍ୱଚ୍ଛ ପାଇଖାନା, ଉଚ୍ଚ ମାନର ଖେଳପଡ଼ିଆ ଆଦି ମିଳିପାରିଛି। ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି ସେ କହିଥିଲେ। ସେହିପରି ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ସିଂ କହିଲେ, ସ୍କୁଲ ରୂପାନ୍ତରଣ ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ ବହୁତ୍ ଅଗ୍ରଗତି ହୋଇଛି। ଛାତ୍ରଛାତ୍ରୀମାନେ ଏହାଦ୍ୱାରା ବିଶେଷ ଉପକୃତ ହେବେ ବୋଲି ସେ ପ୍ରକାଶ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ଏହି ୮୨ ସ୍କୁଲ ମଧ୍ୟରେ ବାଲିଶଙ୍କରା ବ୍ଲକର ୩ଟି, ବଡ଼ଗାଁର ୨ଟି, ବିଶ୍ରାର ୬ଟି, ବଣାଇଁର ୫ଟି, ଗୁରୁଣ୍ଡିଆର ୫ଟି, ହେମଗିରିର ୫ଟି, କୋଇଡ଼ାର ୨ଟି, କୁଆଁରମୁଣ୍ଡାର ୩ଟି, କୁତ୍ରାର ଗୋଟିଏ, ଲହୁଣୀପଡ଼ାର ୮ଟି, ଲାଠିକଟାର ୫ଟି, ଲେଫ୍ରିପଡ଼ାର ୪ଟି, ନୂଆଗାଁର ୪ଟି, ରାଜଗାଙ୍ଗପୁର ବ୍ଲକ ଏବଂ ପୌରପାଳିକା ଅଞ୍ଚଳର ୭ଟି, ରାଉରକେଲା ମହାନଗର ନିଗମ ଅଞ୍ଚଳର ୮ଟି, ସବଡେଗା ବ୍ଲକର ୨ଟି, ସୁନ୍ଦରଗଡ଼ ସଦର ବ୍ଲକ ଏବଂ ସୁନ୍ଦରଗଡ଼ ପୌରପାଳିକା ଅଞ୍ଚଳର ୯ଟି ଓ ଟାଙ୍ଗରପାଲି ବ୍ଲକର ୩ଟି ସ୍କୁଲ ରହିଛି।

## ରାସ୍ତାକାମ ଅଧପନ୍ତରିଆ; ଅଞ୍ଚଳରେ ଅସନ୍ତୋଷ



**ହେମଗିରି, ୨୯ ।୧(ସମିସ):** ବିଲେଇମୁଣ୍ଡା ରାସ୍ତା କାମ ନିମ୍ନମାନର ତଥା ଅଧପନ୍ତରିଆ କରି ନିର୍ମାଣକାରୀ ଠିକାସଂସ୍ଥା ଆର୍‌କେଡି ଚାଲିଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଇଲା ପରିବହନ ପାଇଁ ଏମ୍‌ସିଏଲ ଦୁଇଥାକିଆ ରାସ୍ତା କାମ ଆର୍‌କେଡି କମ୍ପାନୀକୁ ଦେଇଥିଲା। କମ୍ପାନୀ ମଧ୍ୟ କାର୍ଯ୍ୟ କରି ଆସୁଥିଲା। ବହୁ ଜାଗାରେ ବ୍ରିଜ୍, ଡ୍ରେନ ଓ ପଥର ପ୍ୟାକିଂ କରାଯିବା କଥା। ହେଲେ ସେସବୁ ଅସମ୍ପୂର୍ଣ୍ଣ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। କମ୍ପାନୀର ଏପରି ଅସମ୍ପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତାକାମ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର




**ସୁନ୍ଦରଗଡ଼, ୨୯ ।୧(ସମିସ):** ହେମଗିରି ବ୍ଲକ ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି। ଉଦଘାଟନୀ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଭାଗୀରଥି ତ୍ରିପାଠୀ ଅଧ୍ୟକ୍ଷତା କରି ସାମ୍ପ୍ରତିକ ସ୍ଥିତିରେ ବାଳିକା ଆତ୍ମସୁରକ୍ଷା ତାଲିମ ଆଗାମୀ ଦିନରେ ମହିଳା ସଶକ୍ତୀକରଣର ମାର୍ଗ ପ୍ରଶସ୍ତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସରୋଜ ମିଶ୍ର ଭାରତୀୟ ସମାଜରେ ନାରୀଶକ୍ତିର ଐତିହାସିକ ଏବଂ ପୌରାଣିକ ପୃଷ୍ଠଭୂମି ଉପରେ ଆଲୋଚନା କରିବା ସହ ପୁରୁଷ ପ୍ରଧାନ ମାନସିକତାକୁ ପରିହାର କରି ନାରୀଶିକ୍ଷା ଓ ସୁରକ୍ଷା ପ୍ରତି ପ୍ରେରିତ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଓଡ଼ିଆ ଅଧ୍ୟାପକ ଅକ୍ଷୟ ସାହୁ, ନରେନ୍ଦ୍ର ପଟେଲ ଏବଂ କାର୍ଯ୍ୟକ୍ରମ ପ୍ରଶିକ୍ଷିକା ମଞ୍ଜୁ ପାଣ୍ଡେ ବାଳିକା ଆତ୍ମସୁରକ୍ଷାର ବିଭିନ୍ନ ଦିଗ ଉପରେ ବିଚାର ବିନିମୟ କରିଥିଲେ। ସଂଯୋଜକ ଜିତେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା। ଏହି ୧୦ ଦିନିଆ ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟର ୧୯୭ ଛାତ୍ରୀ ତାଲିମ ଗ୍ରହଣ କରୁଛନ୍ତି।

## ହିନ୍ଦୁ ନାଗବଂଶୀ ମୁଣ୍ଡା ସମାଜର ଦ୍ୱିତୀୟ ମହାସଭା



**ସୁନ୍ଦରଗଡ଼, ୨୯ ।୧(ସମିସ):** ଟାଙ୍ଗରପାଲିଠାରେ ହିନ୍ଦୁ ନାଗବଂଶୀ ମୁଣ୍ଡା ସମାଜର ଦ୍ୱିତୀୟ ମହାସଭା ଅନୁଷ୍ଠିତ ହୋଇଛି। ସମାଜର ସଭାପତି ସୋମନାଥ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ବାଞ୍ଜିପଡ଼ା କେନ୍ଦ୍ରୀୟ ଗୁଡ଼ି ସଭାପତି ନିତ୍ୟା ମୁଣ୍ଡା ମୁଖ୍ୟଅତିଥି, ଉପଦେଷ୍ଟା ପଞ୍ଚା ବାର୍ଲା ମୁଖ୍ୟବକ୍ତା, ଅନ୍ୟତମ ଉପଦେଷ୍ଟା ସୁଖଲାଲ ମୁଣ୍ଡା, ମହିଳା ସଭାନେତ୍ରୀ ଲକ୍ଷ୍ମୀ କେରକେଟା, ଦସୁରୁପାଲି ଗୁଡ଼ି ସଭାପତି ଗୋକୁଳା ମୁଣ୍ଡା, ବାଞ୍ଜିପଡ଼ା ଉପସଭାପତି ଧାନୁ ମୁଣ୍ଡା, ନିର୍ମଳ ମୁଣ୍ଡା, ମଙ୍ଗୁଲୁ ମୁଣ୍ଡା, ମଙ୍ଗଳ ମୁଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସାମାଜିକ, ସାଂସ୍କୃତିକ ସମ୍ବିଧାନ ନୀତିନିୟମ ଏବଂ ପରମ୍ପରା ଉପରେ ଆଲୋଚନା କରାଯାଇଥିଲା। ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଇତିମଧ୍ୟରେ ପରଲୋକଗତ ସମାଜର କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଟାଙ୍ଗରପାଲି ଗୁଡ଼ିର ଝିଅପିଲାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କେନ୍ଦ୍ରୀୟ ଗୁଡ଼ି ସମ୍ପାଦକ ଟିଙ୍କୁ ମୁଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ଜଟିଆ ମୁଣ୍ଡା ଧନ୍ୟବାଦ ଦେଇଥିଲେ। ବୁଢ଼ାବାହାଲ ଆଦିବାସୀ ନୃତ୍ୟଦଳ, ବୀର ବିର୍ସା ମୁଣ୍ଡା ଆଦିବାସୀ ନୃତ୍ୟଦଳ, ତୁମ୍ବାପାଲି ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ।

## ପଞ୍ଚାୟତିରାଜ ଅନୁଷ୍ଠାନ ଓ ମିଲେଟ ପ୍ରୋତ୍ସାହନ କାର୍ଯ୍ୟକ୍ରମ




**ସୁନ୍ଦରଗଡ଼, ୨୯ ।୧(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ବାରଗାଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସେୱା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ମିଲେଟ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ (ଖ) ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସହକାରୀ କୃଷି ଅଧିକାରୀ ସଂଘମିତ୍ରା ସାହୁ, ବାରଗାଡ଼ ସରପଞ୍ଚ ବୈଜୟନ୍ତୀ ମୁଣ୍ଡା, ଲେଡ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମେରିଆ, ଜିଲ୍ଲା ୱାସନ୍ ପ୍ରକଳ୍ପ ସଂଯୋଜକ ତୁଳାନାଥ ବନଛୋର, ବ୍ଲକ ସଂଯୋଜିକା ଦକ୍ଷଶିଳା ନାଏକ, ସହ ସଂଯୋଜିକା ସୂଚିତା ମିଞ୍ଜ, ସିଇଓ ସବିତା ଧୁରୁଆ, କୋଷାଧ୍ୟକ୍ଷ ରୀତା ମେହେର, ହେମନ୍ତ କିସାନ, ସିଆରପି ମଞ୍ଜୁଲତାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ମିଲେଟ ମିଶନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ବିଶେଷ ଆଲୋଚନା ହୋଇଥିଲା।

# ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ ସୁନ୍ଦରଗଡ଼ ଗସ୍ତ







**ସୁନ୍ଦରଗଡ଼, ୨୯ ।୧(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସୁନ୍ଦରଗଡ଼ ଗସ୍ତ କରି ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଛନ୍ତି।

### ● ନୂଆ-ଓ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଦେଲେ ସଫଳତାର ମନ୍ତ୍ର

୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନ ଭବାନୀପୁର ସ୍ପୋର୍ଟସ ହଷ୍ଟେଲ କମ୍ପ୍ଲେକ୍ସ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ସୁନ୍ଦରଗଡ଼ର ସମସ୍ତ କଲେଜ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଛନ୍ତି। ସେ ଛାତ୍ରଛାତ୍ରୀଙ୍କ ସହିତ ନୂଆ-ଓ କାର୍ଯ୍ୟକ୍ରମରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିବା ଏବଂ ସେମାନଙ୍କ ଏକାଡେମିକ୍ ସଫଳତା ସହ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶରେ ସାହାଯ୍ୟ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ ବିଷୟରେ ଆଲୋଚନା କରିଥିଲେ। ଜୀବନରେ ସଫଳତା ହାସଲ କରିବା ପାଇଁ ଆତ୍ମବିଶ୍ୱାସ ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର କଲେଜ ରୂପାନ୍ତରଣ ପ୍ରକଳ୍ପ ଫେବୃଆରୀ ସୁଦ୍ଧା ଶେଷହେବ ବୋଲି ସୂଚନା ଦେବା ସହ ଉଚ୍ଚ ଲକ୍ଷ୍ୟ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶିଶିର କୁମାର ନାଏକ, ମେଜର ଜେନେରାଲ ରମେଶ ଚନ୍ଦ୍ର ପାଢ଼ୀ, ହକି ଜାତୀୟ ମହିଳା ଦଳର ପୂର୍ବତନ ଅଧିନାୟକ ସୁଭଦ୍ରା ପ୍ରଧାନଙ୍କ ଉଦାହରଣ ଦେଇ ସେମାନେ ସରକାରୀ ବିଦ୍ୟାଳୟ ଓ କଲେଜରୁ ଅଧ୍ୟୟନ କରି ଜୀବନରେ ସଫଳତା ହାସଲ କରିଥିବା କହିଥିଲେ। ପ୍ରତିଦିନ ପାଠପଢ଼ା ପାଇଁ ୧୨ରୁ ୧୪ ଘଣ୍ଟା ଦେବା, ଏକଘଣ୍ଟା ଶାରୀରିକ ପରିଶ୍ରମ, ୧୫ ମିନିଟ ଧ୍ୟାନ, ୧ ଘଣ୍ଟାରୁ କମ୍ ସମୟ ସାମାଜିକ ଗଣମାଧ୍ୟମ ପୋଷ୍ଟ ଦେଖିଲେ ଜୀବନରେ ସଫଳତା ନିଶ୍ଚୟ ମିଳିବ ବୋଲି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ସହ କରମର୍ଦ୍ଦନ କରିବା ସହ ତାଙ୍କ ମୋବାଇଲରେ ସେଲଫି ନେଇଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ବେଶ୍ ଉତ୍ସାହିତ ହୋଇଥିଲେ।



### ● ବିଭିନ୍ନ ପ୍ରକଳ୍ପର ସମୀକ୍ଷା

ସୁନ୍ଦରଗଡ଼ ଗସ୍ତ ଅବସରରେ ପାଣ୍ଡିଆନ୍ ଇବ ନଦୀର ଭଷ୍ମାଠାରେ ୨୬୨.୫ କୋଟି ଏବଂ ସଫେଇ ନଦୀର ଫୁଲବାରିରେ ୧୨୩.୭୫ କୋଟି ଟଙ୍କା ବ୍ୟୟଅଟକଳରେ ହେବାକୁ ଥିବା ଆନ୍ତଃ ନଦୀ ଜଳାଶୟ (ଆଇଏସଏସ) ପ୍ରକଳ୍ପର ସମୀକ୍ଷା କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚରେ ପାଣ୍ଡିଆନଙ୍କ ସୁନ୍ଦରଗଡ଼ ଗସ୍ତ ସମୟରେ ଜନସାଧାରଣଙ୍କଠାରୁ ଆସିଥିବା ଆବେଦନକୁ ଆଧାର କରି ଏହି ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ଏଥିସହ ସେ ୨୩୨ କୋଟି ଟଙ୍କା ବ୍ୟୟ ଅଟକଳରେ ସେମିନା, କୋପସିଂହା ଇବ ବ୍ୟାରେଜ ସହ ସାତନା ମେଗା ଉଠା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ସେହିପରି ବେଦବ୍ୟାସ ମନ୍ଦିର, ଘୋଘର ଶିବମନ୍ଦିର, ବେଲସରା ଶିବମନ୍ଦିର ଆଦି ସହ ୪୮.୧୧ କୋଟି ବ୍ୟୟ ଅଟକଳରେ ରାଜଗଙ୍ଗପୁରରେ ରେଳ ଓଭର ବ୍ରିଜ ନିର୍ମାଣର ଅଗ୍ରଗତିର ସମୀକ୍ଷା କରିଥିଲେ। ଜିଲ୍ଲାର ବିଭିନ୍ନ ମେଗା ପିଡବ୍ଲ୍ୟୁଏସ୍ ଏବଂ ଅନ୍ୟ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରି ସମୟସୀମା ଅନୁଯାୟୀ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

### ସେବାୟତ ବିବାଦ

# ରିଘାଗଡ଼ ଶ୍ରୀବଳଦେବଜୀଉ ମନ୍ଦିରରେ ପୂଜାନୀତି ବନ୍ଦ

**ରାଜନଗର, ୨୯।୧(ସମିସ):** ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତର ରିଘାଗଡ଼ଠାରେ ଥିବା ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ପୂଜା ନୀତିରେ ବିଭ୍ରାଟ ସୃଷ୍ଟି ହୋଇଛି। ଠାକୁରଙ୍କ ପୂଜା ନୀତି ଦାୟିତ୍ୱରେ ଥିବା ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ଆଜି ଠାକୁର ଉପବାସରେ ରହିଥିଲେ। ସନ୍ଧ୍ୟା ୬ ଘଟିକା ଯାଏଁ ଠାକୁରଙ୍କ ପୂଜା ନୀତି ହୋଇପାରି ନ ଥିଲା। ଠାକୁର ଉପବାସରେ ଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ମୁତାବକ, ରିଘାଗଡ଼ଠାରେ ଥିବା ପ୍ରାଚୀନ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଚାଳନା ଦାୟିତ୍ୱରେ କନିକା ରାଜପରିବାର ଅଛନ୍ତି। ଠାକୁରଙ୍କ ଶହ ଶହ ଏକର ସମ୍ପତ୍ତି ରହିଛି। ଦୈନିକ ପୂଜା ନୀତି ପାଇଁ ବଡ଼ପଣ୍ଡାଙ୍କ ସହିତ ଅନ୍ୟ ସେବାୟତ



ରହିଛନ୍ତି। ୨୭ ତାରିଖ ଦିନ ସେବାୟତ ଶରତ ଦାଶ ଓ ହୃଷିକେଶ ପଣ୍ଡାଙ୍କ ପୁଅ ସହିତ କୌଣସି କାରଣରୁ ବିବାଦ ହୋଇଥିଲା। ଗତକାଲି ବୁଝାସୁଝା ପରେ ଠାକୁରଙ୍କ ପୂଜନୀତି ହୋଇଥିଲା। ମାତ୍ର ଆଜି ସକାଳ ୫ ଟାରେ ମଙ୍ଗଳାଆରତୀ ଓ ମହାସ୍ନାନ ପରେ ଅନ୍ୟ ନୀତି ସନ୍ଧ୍ୟା ଯାଏଁ ଅନୁଷ୍ଠିତ ହୋଇପାରିନି। ଭୋଗ ମଣ୍ଡପ ଓ ବାହାର ଠାକୁରଙ୍କ ପୂଜା ନୀତି ହୋଇପାରି ନ ଥିବାରୁ ସକାଳ ୯ ଟାରେ ଲାଗି ହେବାକୁ ଥିବା ମଢେଇ ଭୋଗ, ମଧ୍ୟାହ୍ନ ଧୂପ ଆଜି ନୀତିକାନ୍ତି ହୋଇପାରିନି। ଫଳରେ ଠାକୁର ଉପବାସରେ ରହିଛନ୍ତି। ଏ ସମ୍ପର୍କରେ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ଦୁଇ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ଠାକୁର ଉପବାସରେ ରହିଛନ୍ତି। ମୁଁ ବାହାରେ ଥିଲି। ପହଞ୍ଚି ଅନ୍ୟ ପୂଜକଙ୍କୁ ଡାକି ପୂଜନୀତିର ବ୍ୟବସ୍ଥା କରୁଛି ବୋଲି କହିଛନ୍ତି।

# ମାଛଗାଁ ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ବାଲିକୁଦା, ୨୯।୧(ସମିସ):** ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତରେ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲିକୁଦା ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟକୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ଜଟାଧାରୀ ଦାସ, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ମନମୋହନ ପରିଡ଼ା, ପଞ୍ଚାୟତ




ଅଧିକାରୀ ଦେବେନ୍ଦ୍ର ରାୟ, ଜିଆରଏସ ଉମାଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ଞାନରଞ୍ଜନ ସ୍ୱାଇଁ, ରଞ୍ଜିତ ରାଉତ, ସ୍ମୃତିରଞ୍ଜନ ସ୍ୱାଇଁ, ଶୁଭେନ୍ଦ୍ର ଶେଖର ଦାଶ, ବିଶ୍ୱରଞ୍ଜନ ନାୟକ, ବସନ୍ତ କୁମାର ସାହୁ, ଶିବ ପ୍ରସାଦ ସ୍ୱାଇଁ, ପ୍ରଭାତ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଜମିବାଡ଼ି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ; ୫ ଆହତ

**କୁଜଙ୍ଗ, ୨୯।୧(ସମିସ):** କୁଜଙ୍ଗ ଥାନା ବଡ଼ଙ୍ଗ ଗ୍ରାମରେ ଜମିଜମା ବିବାଦକୁ ନେଇ ଦୁଇ ପଡୋଶୀ ପରିବାର ମଧ୍ୟରେ ଗୋଷ୍ଠୀ ସଙ୍ଘର୍ଷ ଘଟିଛି। ଏହି ଘଟଣାରେ ୫ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ଏହି ଘଟଣାରେ ଗୋବିନ୍ଦ ପ୍ରଧାନ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଜାଗାରେ ବଳପୂର୍ବକ ଘର କରିବାକୁ କୈଳାସ ସ୍ୱାଇଁ, ଜୁବୁଲୀ ସ୍ୱାଇଁ, ବାବୁଲୀ ସ୍ୱାଇଁ, କାଞ୍ଚନବାଳା ସ୍ୱାଇଁ, ରଞ୍ଜିତା ସ୍ୱାଇଁ ଉଦ୍ୟମ କରିଥିଲେ। ଗୋବିନ୍ଦ ଓ ତାର ପରିବାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଗୋବିନ୍ଦ ପ୍ରଧାନଙ୍କ ହାତ ଭାଙ୍ଗିଯାଇଥିବାବେଳେ ବାସୁଦେବ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ବନୀତା ପ୍ରଧାନ ପ୍ରମୁଖ ଆହତ ହୋଇଛନ୍ତି। ବନୀତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଅନ୍ୟଏକ ପାଲଟା ଅଭିଯୋଗ ମଧ୍ୟ କରାଯାଇଛି। ଉଭୟ ଅଭିଯୋଗ ଆଧାରରେ ୨ଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**କୁଜଙ୍ଗ, ୨୯।୧(ସମିସ):** କୁଜଙ୍ଗ ବ୍ଲକ ତାଳଦଣ୍ଡା ସ୍ଥିତ ପ୍ରମୁଖ ଦାତବ୍ୟ ଓ ଆଧ୍ୟାତ୍ମିକ ସଂଗଠନ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସଂଗଠନର ପ୍ରମୁଖ ସଦସ୍ୟା ସରିତା ମିଶ୍ରଙ୍କ ଦେହାନ୍ତ ପରେ ମଧ୍ୟ ସଂଗଠନ ତାର ଆଧ୍ୟାତ୍ମିକ ଓ ସେବା କାର୍ଯ୍ୟ ଜାରି ରଖିଛି। ଗତ କିଛିଦିନ ତଳେ ସମାଜରେ ଖବର ପ୍ରସାରଣ ପରେ ଏହି ସଂଗଠନ ପକ୍ଷରୁ ଜଣେକା ଅସହାୟ କର୍କଟ ପୀଡତା ମହିଳାଙ୍କୁ ଚିକିତ୍ସା ପାଇଁ ଅର୍ଥିକ ସହାୟତା ଯୋଗାଣ ପରେ ଗତ ୨୨ ତାରିଖରେ ପ୍ରସ୍ତାବିତ ଜଗନ୍ନାଥ ମନ୍ଦିରର ପରିସରରେ ଏକ ଦୀପୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହା ସହ ବିଗତ କିଛିଦିନ ହେବା ସଫେଇ ଓ ସ୍ୱଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପଲିଥିନ ଖରାପ ପ୍ରଭାବ ନେଇ ନେଇ ସଗଂଠନର ସଦସ୍ୟ ମାନେ ସଚେତନ କରାଇବା ସହ ବ୍ୟାପକ ସଫେଇ ମାଧ୍ୟମରେ ସ୍ୱଛତା ହିଁ ସେବା ଓ ଦିବ୍ୟତା ପଥରେ ଏକ ଆଗକୁ ଯିବାର ମନ୍ତ୍ର ନେଇ ଉତ୍ସାହର ସହ କାମ କରୁଛନ୍ତି।

## ସାମ୍ବାଦିକଙ୍କ ଭ୍ରାତୃ ବିୟୋଗ

**କେନ୍ଦ୍ରାପଡ଼ା, ୨୯।୧(ସମିସ):** ସାମ୍ବାଦିକ ସୁନୀଲ ମହାପାତ୍ରଙ୍କ ଜ୍ୟେଷ୍ଠ ବଡ଼ଭାଇ ଅନୀଲ ମହାପାତ୍ରଙ୍କ ତାଙ୍କ ମନକରପୁର ବାସଭବନରେ ପରଲୋକ ହୋଇଯାଇଛି। ସେ ଜନ୍ମରୁ ମାନସିକ ଭିନ୍ନକ୍ଷମ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କ ମର ଶରୀରକୁ ଜନ୍ମମାଟି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗୋପିନାଥପୁର ଶାସନକୁ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଦାଦାପୁଅ ଭାଇ ସତ୍ୟବ୍ରତ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମରଶରୀର ନିକଟରେ ବାପା ରବୀନ୍ଦ୍ର ମହାପାତ୍ର, ମାଆ କୁଞ୍ଜଲତା, ସାନବୋଉ ଶୋଭାରାଣୀ, ବଡନାନୀ ସସ୍ମିତା, ବିସ୍ମିତା, ଅନୀତା, ଅଜିତା, ସାନଭାଇ ସୁବ୍ରତ, ସତ୍ୟବ୍ରତ, ସୁନୀଲ, ପ୍ରିୟବ୍ରତ, ସ୍ମୃତିରେଖା, ଶ୍ରେୟାଂଶୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କଂଗ୍ରେସ ନେତା ଫକିର ଚରଣ ଖଟୁଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ସିଦ୍ଧବଟଠାରେ ଅଷ୍ଟପ୍ରହର ନାମଯଜ୍ଞ



**ଏରସମା, ୨୯।୧(ସମିସ):** ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପଦ୍ମପୁରସ୍ଥିତ ଶ୍ରୀ ଶ୍ରୀ ସତ୍ୟ ସନାତନ ସିଦ୍ଧେଶ୍ୱର ଗାଦିବ୍ରହ୍ମ ସିଦ୍ଧବଟଠାରେ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୨୩ତାରିଖରେ ଶୁଭାଧିବାସ ସହ ନାମଯଜ୍ଞ ଆରମ୍ଭ କରାଯାଇ ୨୫ତାରିଖ ପର୍ଯ୍ୟନ୍ତ ଅହୋରାତ୍ର ନାମଯଜ୍ଞ ସହ ନଗର କୀର୍ତ୍ତନ ଓ ଦଧିଭାଣ୍ଡ ଭଞ୍ଜନ କରାଯାଇଥିଲା। ଏହି ନାମଯଜ୍ଞରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ଯୁବସମାଜ ସେବୀ ତଥା ବାଲିକୁଦା ଏରସମା ବିଜେଡ଼ି ଯୁବନେତା ସଞ୍ଜୀବ ଏସ ବିଶ୍ୱାଳ, ବାଲିକୁଦା ଏରସମା ବିଜେପି ଯୁବନେତା ସତ୍ୟ ସାରଥୀ ମହାନ୍ତି, ଶିଖା ଉମେଶ ସ୍ୱାଇଁ, ପଦ୍ମପୁର ସରପଞ୍ଚ ପ୍ରତିଭା ପାତ୍ର ପ୍ରମୁଖ ଏହି ନାମ ଯଜ୍ଞରେ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କଲା ପୁଲିସ

**ଏରସମା, ୨୯।୧(ସମିସ):** ବହୁ ଦିନଧରି ନିଖୋଜ ଥିବା ମାନସିକ ବିକୃତ ଜଣେ ଯୁବକକୁ ଏରସମା ପୁଲିସ ଜପା ପଞ୍ଚାୟତର ଝାଟିପାରି ଗ୍ରାମରୁ ଉଦ୍ଧାର କରିଛି। ଖବରରୁ ପ୍ରକାଶ ଯେ ଗତ କିଛି ଦିନ ହେବ ଝାଡଖଣ୍ଡ ରାଜ୍ୟର କୋଲବରି ଥାନା ଅନ୍ତର୍ଗତ ଜଣେ ମାନସିକ ବିକୃତ ଯୁବକ ତାଙ୍କ ନିଜଘରୁ ପଳାଇ ଥିବା ତାଙ୍କ ସମ୍ପର୍କୀୟ ନିକଟରୁ ସୂଚନା ମିଳିଥିଲା। ତେବେ ଏରସମା ପୁଲିସ ବିଭୂତି ବିଶ୍ୱାଳ ଓ ତାଙ୍କ ଟିମ ପେଟ୍ରୋଲିଂ କରୁଥିବାବେଳେ ସେହି ଯୁବକକୁ ସନ୍ଦେହରେ ପଚରାଉଚରା କରିବା ସହ ଝାଡଖଣ୍ଡ କୋଲବରି ଥାନାକୁ ଫୋନ କରି ତାଙ୍କ ଘର ସହ ଯୋଗାଯୋଗ କରିଥିଲେ। ଯୁବକର ନିଜ ଭିଣେଇ ଜରିଆଗଡ଼ ଥାନା ଅନ୍ତର୍ଗତ ହରେନ୍ଦ୍ର ଲୋହରା ଏରସମାରେ ପହଞ୍ଚି ସମସ୍ତ କାଗଜ ପତ୍ର ଦେଖାଇ ତାଙ୍କୁ ସୁସ୍ଥ ଅବସ୍ଥାରେ ନେଇଛନ୍ତି। ଏରସମା ଆଇଆଇସି ନିରଞ୍ଜନ ଦାସ ଓ ସମସ୍ତ ଅଧିକାରୀ ଏବଂ ଜିଲ୍ଲା ପୁଲିସକୁ ଯୁବକର ଭିଣେଇ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।



# ଅବସରପ୍ରାପ୍ତ କର୍ମଚାରୀ ସଂଘ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ



**ବାଲିକୁଦା, ୨୯।୧(ସମିସ):** ବାଲିକୁଦା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖା ପକ୍ଷରୁ ଓରଣ୍ଡସ୍ଥ ହଳଦିମାଳପା ଛକ ନିକଟରେ ସାଧାରଣତନ୍ତ୍ର ଦିବସ ଅବସରରେ ସଂଘର ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ପଣ୍ଡିତ ହୃଷିକେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଥାନା ଅଧିକାରୀ ସଲୀଳ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ପାତ୍ରୀ, ସମିତି ସଭ୍ୟା ରୋଜାଲିନ ନାୟକ ଯୋଗଦେଇ ୭୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଏ ଅବସରରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଡଃ ବିଷ୍ଣୁଚରଣ ସ୍ୱାଇଁ ଚଳିତ ବର୍ଷ କଳିଙ୍ଗ ପୁସ୍ତକ ମେଳାର ଶିଶୁ ସାହିତ୍ୟ ବିଭାଗରେ 'ହେବା ଆମେ ସୁନା ପିଲାରେ' ପୁସ୍ତକ ପାଇଁ ସମ୍ମାନିତ ହୋଇଥିବାରୁ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ବଂଶୀଧର ଶତପଥୀ, ଶରତ ଚନ୍ଦ୍ର ବାରିକ, ବୁଲାକି ଚରଣ ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ଆର୍ତ୍ତତ୍ରାଣ ସ୍ୱାଇଁ, ବାଉରୀବନ୍ଧୁ ମୁଦୁଲି, ଜଟାଧାରୀ ସେନାପତି, ଆଦିକନ୍ଦ ଦାସ, ଗଦାଧର ବାରିକ, ଜଟାଧାରୀ ଦାସ, କଣ୍ଠମଣି ସାହୁ, କୃଷ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଜୁନ ପରିଡ଼ା, ମାଧୁରୀ ପରିଡ଼ା ଓ ସୁରେନ୍ଦ୍ର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବାଲେଶ୍ୱରକୁ ହରାଇ ଫାଇନାଲରେ କେନ୍ଦ୍ରାପଡ଼ା

**ରାଜନଗର, ୨୯।୧(ସମିସ):** ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡ଼ିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଜେସିଏ ବାଲେଶ୍ୱର କ୍ରିକେଟ ଟିମ୍‌କୁ ହରାଇ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଜିସିସି କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୭ ଓଭର ଖେଳରୁ ୨୬.୪ ଓଭରର ଖେଳି ସମସ୍ତ ୱିକେଟ ହରାଇ ୧୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେସିଏ ବାଲେଶ୍ୱର ୨୪.୪ ଓଭର ଖେଳି ୮୬ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ହରେକୃଷ୍ଣ ରାଉଳ ୪୭ ବଲରୁ ୩୦ ରନ କରିଥିଲେ। ଜିସିସି କେନ୍ଦ୍ରାପଡ଼ା କ୍ରିକେଟ ଟିମର ନୟନ ଗୁପ୍ତା ୨୦ ବଲ୍‌ରେ ୩୦ ରନ ଓ ରୋହିତ ୨୩ ବଲ୍‌ରୁ ୨୧ ରନ ସଂଗ୍ରହ କରିଥିଲେ। କେନ୍ଦ୍ରାପଡ଼ାର ନୟନ ଗୁପ୍ତା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଆସନ୍ତା ବୁଧବାର ଦିନ ଫାଇନାଲ ମ୍ୟାଚ୍ ପାରାଦୀପ ଓ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପଲିଶ୍ରୀ ଯୁବକ ସଂଘ ସଭାପତି ଅଭିମନ୍ୟୁ ପ୍ରଧାନ ଓ ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ ସୂଚନା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କ ପରଲୋକ

**କୁଜଙ୍ଗ, ୨୯।୧(ସମିସ):** ଗୁରୁବାର ରାତିରେ କୁଜଙ୍ଗ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ବେହେରା (ବାପୁଜୀ) ଙ୍କର ପିତା ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ବେହେରାଙ୍କର (୮୪) କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ସ୍ୱର୍ଗତ ବେହେରା ପାରାଦୀପ ପୋର୍ଟ ହାଇସ୍କୁଲ ଭୂତମୁଣ୍ଡାଇରେ ଶିକ୍ଷକତା ଜୀବନ ଆରମ୍ଭକରି ସେହିଠାରୁ ପ୍ରଧାନ ଶିକ୍ଷକଭାବେ ଅବସର ଗ୍ରହଣ କରିଥିଲେ। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଖବରପାଇ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ନିତ୍ୟାନନ୍ଦ ମହାନ୍ତି, ଭାରତ ଭୂଷଣ ନାୟକ, ସଞ୍ଜୟ କୁମାର ସ୍ୱାଇ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ କରାଯାଇଥିଲା। ମରଶରୀରକୁ ଭୂତମୁଣ୍ଡାଇ ହାଇସ୍କୁଲକୁ ନିଆଯାଇଥିଲା ଓ ସେଠାରେ ବହୁ ଶିକ୍ଷକ ଓ ଅଭିଭାବକ ଓ ପ୍ରାକ୍ତନ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**କୁଜଙ୍ଗ, ୨୯।୧(ସମିସ):** କୁଜଙ୍ଗ ବଳରାମପୁର ସ୍ଥିତ ନୂଆସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୃତୀ ପ୍ରଧାନ ଶିକ୍ଷକ ଅଶୋକ ସ୍ୱାଇଁଙ୍କୁ ଆଜି ବିଦ୍ୟାଳୟ ପରିସରରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ନେତା ଅନାଦୀ ଚରଣ ଖଟୁଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ କର୍ମଚାରୀ ସଂଘ ଭୂତମୁଣ୍ଡାଇର ସଭାପତି ମାୟାଧର ଦାସ, ମୁଖ୍ୟ ବକ୍ତା ନାଉଗାଁର ପ୍ରାକ୍ତନ ଏବିଓ କବି ବାମଦେବ ସ୍ୱାଇଁ, ସମ୍ମାନୀତ ଅତିଥି ଏରସମାର ଏବିଓ ଗୋପବନ୍ଧୁ ନାୟକ, ରାଜ୍ୟ ବିଇଡି ଶିକ୍ଷକ ସଂଘର ଜୋନାଲ ସମ୍ପାଦକ ଜକିରୀ ହୁସେନ୍, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ବେହେରା, କୁଜଙ୍ଗ ବ୍ଲକ ପ୍ରାଥମିକ ସଂଘର ସମ୍ପାଦକ ରବୀନ୍ଦ୍ର ନାୟକ, ଜିଲ୍ଲା ସଭାପତି ହିମାଂଶୁ ଶେଖର ସାମଲ, ରଘୁନାଥପୁରର ଏବିଓ ଆଶୁତୋଷ ବାନାର୍ଜୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଶୋକ ପାଲ, ବିଜୟ କୁମାର ସ୍ୱାଇଁ, ଅବସରପ୍ରାପ୍ତ ସଂଘର ଜିଲ୍ଲା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କୁଜଙ୍ଗ ମଣ୍ଡଳ ଏଲିମେଣ୍ଟାରୀ ଶିକ୍ଷକ ସଂଗଠନ ଓ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ମଣ୍ଡଳ ସ୍ତରୀୟ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ସୁବାସ ସେନାପତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସ୍ୱାଗତ ଭାଷଣ ପ୍ରସନ୍ନ କୁମାର ସେଠୀ ପ୍ରଦାନ କରିଥିଲେ।

## ମାର୍ଶାଘାଇ ପୁଲିସ ପକ୍ଷରୁ ରକ୍ତଦାନ ଶିବିର



**ମାର୍ଶାଘାଇ, ୨୯।୧(ସମିସ):** ମାର୍ଶାଘାଇ ପୁଲିସ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ଏକ ରକ୍ତଦାନ ଶିବିର ମାର୍ଶାଘାଇ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ପ୍ରଜ୍ଞା ପରମିତା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଏସ ଆଇ ପ୍ରୀତିଲତା ଲାଲ, ଅଜୟ ସାହୁ, ସଞ୍ଜୀବ ଖଟୁଆ, ଏଏସ୍‌ଆଇ ହରେକୃଷ୍ଣ ନନ୍ଦ, ଲୋଭାବତୀ ସାହୁ, ରାମଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁଲିସ ପକ୍ଷରୁ କଲ୍ୟାଣୀ ସାହୁ, ରାଜେଶ ରଞ୍ଜନ ଦାସ, ରାମଚନ୍ଦ୍ର ଦାସ, ଟୁଟନ ଦାସ, ରଞ୍ଜନ କୁମାର ଭୋଇ, ପ୍ରଶାନ୍ତ ମଲିକ, ସଞ୍ଜୀବ ଖଟୁଆ, ପ୍ରଶାନ୍ତ ମାହାଳି, ମନ୍ମଥ ଷଡ଼ଙ୍ଗୀ, ଦୀପକ ସେଠୀ, ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା, ଟିକରପଙ୍ଗା ସରପଞ୍ଚ ଜ୍ୟୋତିରଞ୍ଜନ ଖଟୁଆ, ବଡ଼କୁଳ ସରପଞ୍ଚ ପ୍ରଜ୍ଞା ପରମିତା କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ର ମହାକାଳୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଗରଦପୁର, ୨୯।୧(ସମିସ):** ପଦ୍ମପୁର ପଞ୍ଚାୟତ ଗୋତ୍ରବିଲ ଖେଳ ପଡ଼ିଆରେ ବଜ୍ର ମହାକାଳୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ୧୭ତମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍ ବିଏନସିସି ଟିମ୍ ଉକୁସାହି ଓ ପିସିସି ଟିମ୍ ଶାରଳାରୋଡ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଉକୁସାହି ଟିମ୍ ବ୍ୟାଟିଂ କରି ସମସ୍ତ ୱିକେଟ୍ ହରାଇ ୧୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଶାରଳାରୋଡ୍ ସମସ୍ତ ୱିକେଟ୍ ହରାଇ ୧୧୪ ରନ୍ କରି ପରାଜୟବରଣ କରିଥିଲା। ପଦ୍ମପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ରାଜକିଶୋର ନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

### ସମୀର-ସୁଶୀଲ ସ୍ମାରକୀ କ୍ରିକେଟ

# ନିମପୁର ଚାମ୍ପିଅନ୍

**କୁଜଙ୍ଗ, ୨୯।୧(ସମିସ):** କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ପଞ୍ଚାୟତ ଜଗତୀଠାରେ ସ୍ଥାନୀୟ ମା' ବୁଢୀ ଜାଡୁଆଣୀ ୟୁଥ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଥିବା ୨୯ ତମ ରାଜ୍ୟସ୍ତରୀୟ ସମୀର-ସୁଶୀଲ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାଇ ଇଲେଭେନ ଭୁବନେଶ୍ୱରକୁ ୩ ୱିକେଟରେ ହରାଇ ନିମ୍‌ପୁର କଟକ ଚଳିତ ବର୍ଷର ଚାମ୍ପିଆନ୍ ଅଖ୍ୟା ଅର୍ଜନ କରିଛି। ଜଗତୀ ଗ୍ରାମ୍ୟ କମିଟିର ସଭାପତି ପ୍ରଶାନ୍ତ କୁମାର ଚୈାଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କଟକ ମ୍ୟୁନିସପାଲିଟିର ମୁଖ୍ୟଯନ୍ତ୍ରୀ ଇଂ. ଅତନୁ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମ୍ୟାଚ ସ୍ଥାନୀୟ ଅଞ୍ଚଳପାଇଁ ଗତ ୨୯ ବର୍ଷଧରି ଆକର୍ଷଣର କେନ୍ଦ୍ର ପାଲଟିଥିବା କହିବା ସହିତ ଆୟୋଜକ ମା' ବୁଢୀ ଜାଡୁଆଣୀ କ୍ଲବର ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

### ପଙ୍କପାଳ-ଗରେଇ ରାସ୍ତା

# ଅବଧି ସରିଛି, ରାସ୍ତା ଅଧପନ୍ତରିଆ

**କୁଜଙ୍ଗ, ୨୯।୧(ସମିସ):** କୁଜଙ୍ଗ ବ୍ଲକ ଗ୍ରାମ୍ୟ ଉନ୍ନୟନ ଅଧିନରେ ୪ କୋଟି ୧୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ୫.୫ କିମି ରାସ୍ତାର ସମ୍ପ୍ରସାରଣ ଓ ନିର୍ମାଣ ଚାଲିଛି। ଏହି ମେଗା ରାସ୍ତା ନିର୍ମାଣ ୨୦୨୨ ଅଗଷ୍ଟରୁ ଆରମ୍ଭ ହୋଇ ୨୦୨୩ ମେ' ଶେଷ ସୁଦ୍ଧା କାର୍ଯ୍ୟ ସରିବାକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ଅବଧି ସରିବାର ୮ ମାସ ବିତିବାକୁ ବସିଥିବାବେଳେ ରାସ୍ତା କାର୍ଯ୍ୟ ଅଧା ସରିନାହିଁ ବୋଲି ପଙ୍କପାଳ ପଞ୍ଚାୟତର ବିଜେପି ନେତା ଦିଲୀପ କୁମାର ବେହେରା, ସୁଦାମ ଚରଣ ମଲ୍ଲ, ରଞ୍ଜନ କୁମାର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତାରେ କେତକ ସ୍ଥାନରେ କଂକ୍ରିଟ୍ କରାଯାଇଥିଲେ ମଧ୍ୟ ଏହାର ଗାର୍ଡୱାଲ କରାଯାଇନାହିଁ। ଅନ୍ୟ କେତେକ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଚିକିଟା କାଦୁଆ ପଡ଼ିଥିବା ବେଳେ

**ବଢୁଛି ଦୁର୍ଘଟଣା**
**ତୁରନ୍ତ ମରାମତି ଦାବି**

ବର୍ଷାଦିନରେ ରାସ୍ତା ପାର୍ଶ୍ୱରେ ଯାତାୟତ ଠପ୍ ହୋଇପଡ଼ିଛି। କଲଭର୍ଟ ଗୁଡିକ ଅଧପନ୍ତିରିଆ ହୋଇ ପଡ଼ିଥିବାବେଳେ ପ୍ରତ୍ୟହ ଖାଲ ଖମା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ଗତ ସୋମବାର ଦିନ ଏକ ଶୋଭାଯାତ୍ରା ସମୟରେ ରାସ୍ତା ସଂକୀର୍ଣ୍ଣ ଯୋଗୁ ଏକ ମଲବାହୀ ଟ୍ରକ୍ ଜଣେ ମହିଳାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଠିକାଦାରଙ୍କ ଅବହେଳା ଯୋଗୁ ହୀନସ୍ତା ହେଉଛନ୍ତି ଲୋକେ। କାର୍ଯ୍ୟ ସରିବାର ଧାର୍ଯ୍ୟ ସମୟକୁ ଇତିମଧ୍ୟରେ ଆଠ ମାସ ବିତିଯିବାକୁ ବସିଥିବା ବେଳେ କୁଜଙ୍ଗ ବ୍ଲକ ସହ ଏରସମା ବ୍ଲକର କିଛି ଅଞ୍ଚଳ ସହ ଯୋଗାଯୋଗର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ରାସ୍ତା ଅଧପନ୍ତରିଆ ରହିବା ଦୁର୍ଭାଗ୍ୟର ବିଷୟ ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି।

